କେନ୍ଦ୍ର ସରକାରଙ୍କ ନିୟମାନୁସାରେ ବହିବସ୍ତାନିର ଓଜନ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଦେଢ଼ କେଜି, ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨ରୁ ୩ କେଜି, ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ୪ କେଜି, ଅଷ୍ଟମ ଓ ନବମ ଶ୍ରେଣୀ ପାଇଁ ସାଢ଼େ ୪ କେଜି ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ୫ କେଜି ରହିବ। କିନ୍ତୁ ଏହାକୁ ଅଧିକାଂଶ ବିଦ୍ୟାଳୟ ପାଳନ କରୁ ନ ଥିବା ଦେଖାଯାଇଛି। ଏନେଇ ୨୦୧୯ରେ ହାଇକୋର୍ଟରେ ଏକ ମାମଲା ହୋଇଥିଲା। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏନେଇ ଏକ ବିଜ୍ଞପ୍ତି ଜାରି କରିଥିଲେ। ଏହି ବିଜ୍ଞପ୍ତି ପାଳନ ହେଉଛି କି ନାହିଁ, ତାହାର ଯାଞ୍ଚ କରିବାକୁ ଜିଲାସ୍ତରରେ ଏକ କମିଟି କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଥିଲା। ଇତିମଧ୍ୟରେ ୬ ବର୍ଷ ବିତି ଯାଇଥିଲେ ସୁଦ୍ଧା ପିଲାମାନଙ୍କ ବହିବସ୍ତାନି ବୋଝରେ କୌଣସି ପରିବର୍ତ୍ତନ ହୋଇନାହିଁ। ଶିକ୍ଷା ବିଭାଗ ଓଏଚ୍‌ଆର୍‌ସି କିମ୍ବା ହାଇକୋର୍ଟ ନିର୍ଦ୍ଦେଶକୁ ଅବମାନନା କରୁଥିବା ଅନେକ ଉଦାହରଣ ରହିଛି। ସ୍ୱୀକୃତି ପ୍ରମାଣପତ୍ର ବା ସାର୍ଟିଫିକେଟ ଅଫ ରିକଗ୍ନାଇଜେଶନ୍(ସିଓଆର) ନ ଥିବା ଘରୋଇ ସ୍କୁଲଗୁଡ଼ିକର ତାଲିକା ମାଗି ମାଗି ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ଥକି ଯାଇଛନ୍ତି। ତେବେ ବହିବସ୍ତାନି ବୋଝ ସଂକ୍ରାନ୍ତରେ ଡିଇଓ କେବେ ରିପୋର୍ଟ ଦାଖଲ କରି ବିହିତ ପଦକ୍ଷେପ ନେଉଛନ୍ତି, ତାହା ସମୟ ହିଁ କହିବ ବୋଲି ଅଭିଭାବକ ମହଲରେ ମତପ୍ରକାଶ ପାଇଛି।

## ଟ୍ୟାଙ୍କର ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ରାମନାଗୁଡା,୧୩।୧୦ (ସଞ୍ଜୟ ପ୍ରଧାନ)

ରାୟଗଡ଼ା ଜିଲା ରାମନାଗୁଡ଼ା ଥାନା ଅଧୀନ ପାଲୁପାଇ ଗ୍ରାମ ନିକଟ ୩୨୬ ନମ୍ବର ଜାତୀୟ ରାଜପଥରେ ସୋମବାର ଏକ ତେଲ ଟ୍ୟାଙ୍କର ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକଦ୍ୱୟ ରାୟଗଡ଼ା ନିକଟ ଗୁମ୍ମା ଅଞ୍ଚଳର ବୋଲି ଜଣାପଡ଼ିଛି। ଟ୍ୟାଙ୍କରଟି ରାୟଗଡ଼ା ଅଭିମୁଖେ ଯାଉଥିବାବେଳେ ଉଭୟ ଯୁବକ ବାଇକ୍ ଯୋଗେ ରାମନାଗୁଡ଼ା ବ୍ଲକ ହାଡୁଗୁଡ଼ା ନିକଟ ରେଖାଗୁଡ଼ାର ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସୁଥିଲେ। କଣ୍ଡାଜାମ-ପାଲୁପାଇ ରାସ୍ତା ବୁଲାଣିରେ ଯିବା ସମୟରେ ଟ୍ୟାଙ୍କର ବାଇକ୍‌କୁ ସାମ୍ନା ପଟୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଜଣଙ୍କୁ ରାମନାଗୁଡ଼ା ଡାକ୍ତରଖାନାକୁ ଆଣିବା ବେଳକୁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

# ତ୍ରିମୁଖୀ ନୁହେଁ, ଭାଜପା-କଂଗ୍ରେସ ମଧ୍ୟରେ ଲଢ଼େଇ: ଭକ୍ତ



କଂଗ୍ରେସ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଦଳରେ ଯୋଗଦେଇଥିବା ଯୁବକମାନେ।

**ନୂଆପଡ଼ା ଉପନିର୍ବାଚନ**

ନୂଆପଡ଼ା,୧୩।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନରେ ତ୍ରିମୁଖୀ ନୁହେଁ, ଭାଜପା ଓ କଂଗ୍ରେସ ମଧ୍ୟରେ ଲଢେଇ ହେବ। କଂଗ୍ରେସ ବହୁମତରେ ବିଜୟୀ ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସୋମବାର ସ୍ଥାନୀୟ ଏବିଟି ସମ୍ମିଳନୀ କକ୍ଷରେ କଂଗ୍ରେସ ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ ଭକ୍ତ କହିଛନ୍ତି, ଭାଜପା ଓ ବିଜେଡି ପ୍ରାର୍ଥୀ ଚୟନରେ ଅହେତୁକ ବିଳମ୍ବ ଯୋଗୁ ଅଧିକ ଯୁବ ଭୋଟର କଂଗ୍ରେସ ପଟକୁ ଢଳୁଛନ୍ତି । ଆଉ କଂଗ୍ରେସର ସ୍ଥିତି ମଜଭୁତ ହେବାରେ ଲାଗିଛି। ଅନ୍ୟ ଦଳର କର୍ମୀ ଓ ଭୋଟର ଆଦିବାସୀ ନେତା କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କୁ ସମର୍ଥନ ଜଣାଉଛନ୍ତି । କଂଗ୍ରେସ ରଣନୀତି ପ୍ରସ୍ତୁତ କରି ନିର୍ବାଚନୀ ମଇଦାନରେ ଓହ୍ଲାଇ ସାରିଛି। ଅନ୍ୟ ଦଳରେ ଆଶାୟୀଙ୍କ ଲମ୍ବା ଲାଇନ ରହିଥିବାରୁ ଦଳର ସୁପ୍ରିମୋ ପ୍ରାର୍ଥୀ ଚୟନ କରିବାରେ ବିଫଳ ହେଉଛନ୍ତି। କଂଗ୍ରେସ ପ୍ରାର୍ଥୀ ମାଝିଙ୍କୁ ଟକ୍କର ଦେବା ପାଇଁ ବିଜେଡି ଆଦିବାସୀ ପ୍ରାର୍ଥୀ ଦେବାକୁ ଚକ୍କର ଚଳାଇଛି। ହେଲେ ଆଦିବାସୀ ପ୍ରାର୍ଥୀ ଦେଲେ ମଧ୍ୟ ମାଝିଙ୍କ ସମକକ୍ଷ ହୋଇପାରିବେ ନାହିଁ । ଏହି ମିଶ୍ରଣ ପର୍ବରେ ନୂଆପଡା ଏନ୍‌ଏସିର ବିଭିନ୍ନ ୱାର୍ଡର ଶତାଧିକ ଯୁବକ କଂଗ୍ରେସରେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ କଂଗ୍ରେସ ମୁଖପାତ୍ର ହମିଦ ହୁସେନ, ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା, ନୂଆପଡା ଜିଲା ପର୍ଯ୍ୟବେକ୍ଷକ ମୁରଲୀଧର ନାୟକ, ଗରିବସେନା ଜିଲା ଆବାହକ ରବି ମଙ୍ଗରାଜ, ପବନ ଶର୍ମା, ମହମ୍ମଦ ଜୁନେଦ ପ୍ରମୁଖ ଯୋଗଦେଇଥିଲେ।

# ଗୋପାଳପୁରରେ ବିରଳ ସାମୁଦ୍ରିକ ଜିଆ

ବ୍ରହ୍ମପୁର,୧୩।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ଏକ ଗବେଷକ ଦଳ ବଙ୍ଗୋପ ସାଗରରେ ପ୍ରଥମ ଥର ପାଇଁ ଏକ ବିରଳ ସାମୁଦ୍ରିକ ଜିଆର ସନ୍ଧାନ ପାଇଛନ୍ତି। ଗଞ୍ଜାମ ଜିଲାର ଗୋପାଳପୁର ଉପକୂଳରେ ଦେଖାଯାଇଥିବା ଏହି ଜିଆର ନାମ ସାବେଲାରିଆ ମିର୍ୟାନସିସ୍। ଏହାର ଲମ୍ବ ପ୍ରାୟ ୫ ସେଣ୍ଟିମିଟର। ଏହି ପଲିକିଟ କୀଟଟି ବାଲି ଓ ଝିଣ୍ଟିକା ଖଣ୍ଡରୁ ଏକ ପ୍ରାକୃତିକ ସିମେଣ୍ଟ ଜାତୀୟ ପଦାର୍ଥ ବ୍ୟବହାର କରି ଦୃଢ଼ ପ୍ରବାଳ ପ୍ରାଚୀର ନିର୍ମାଣ କରିଥାଏ। ଗବେଷକମାନଙ୍କ ସୂଚନା ଅନୁସାରେ, ଏହି କୀଟ ୧୯୯୦ରେ ମହାରାଷ୍ଟ୍ରର ଆରବସାଗର ଉପକୂଳରେ ଦେଖାଯାଇଥିଲା। ସେବେଠୁ ଅନ୍ୟ କୌଣସି ସ୍ଥାନରେ ଏହାର ଉପସ୍ଥିତି ରେକର୍ଡ ହୋଇ ନ ଥିଲା।



ଆବିଷ୍କୃତ ହୋଇଥିବା ବିରଳ ଜିଆ

୨୦୨୪ ମାର୍ଚ୍ଚରେ ଗୋପାଳପୁରରେ ଜଣେ ମତ୍ସ୍ୟଜୀବୀଙ୍କଠାରୁ ମିଳିଥିବା ଏକ ପ୍ରାଚୀର ଖଣ୍ଡକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରୀକ୍ଷାଗାରରେ ବିଶ୍ଳେଷଣ କରାଯାଇ ଏହା ସାବେଲାରିଆ ମିର୍ୟାନସିସ୍ ଦ୍ୱାରା ନିର୍ମିତ ବୋଲି ନିଶ୍ଚିତ ହୋଇଛି। ଗବେଷକ ଦଳର ନେତୃତ୍ୱ ନେଇଥିବା ସାମୁଦ୍ରିକ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଶେଷଦେବ ପାତ୍ର କହିଛନ୍ତି, ଏହି ପ୍ରାଚୀରଗୁଡିକ ଅଗଭୀର ଜଳସୀମାରୁ ଗଭୀର ସମୁଦ୍ର ପର୍ଯ୍ୟନ୍ତ ଦେଖାଯାଏ। ଏହା ସମୁଦ୍ର ଜଳକୁ ଶୋଧନ କରିବା, ସ୍ଥାନୀୟ ଜଳପ୍ରବାହକୁ ନିୟନ୍ତ୍ରଣ କରିବା ଏବଂ ମାଛ ଅନ୍ୟ ସାମୁଦ୍ରିକ ଜୀବଙ୍କ ପାଇଁ ଆଶ୍ରୟସ୍ଥଳୀ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି କୀଟମାନେ ଆକାରରେ ଛୋଟ ହେଲେ ମଧ୍ୟ ସମୁଦ୍ରରେ ଅଦ୍ଭୁତ ପ୍ରାକୃତିକ ସ୍ଥପତି କାର୍ଯ୍ୟ କରନ୍ତି। ଗବେଷଣା ସମ୍ପର୍କିତ ଏକ ପ୍ରବନ୍ଧ 'ଉତ୍ତର ଭାରତୀୟ ମହାସାଗରର ବଙ୍ଗୋପସାଗରରୁ ସାବେଲାରିଆ ମିର୍ୟାନସିସ୍ ନୂଆ ରେକର୍ଡ ଏବଂ ଏହାର ସହଯୋଗୀ ଜୀବଜନ୍ତୁ ସମ୍ପର୍କିତ ଟିପ୍ପଣୀ' ଶୀର୍ଷକରେ ସମ୍ପ୍ରତି ଜର୍ନାଲ ଅଫ ମେରାଇନ ବାୟୋଲୋଜିକାଲ ଆସୋସିଏଶନ ଅଫ ୟୁନାଇଟେଡ କିଙ୍ଗଡମରେ ପ୍ରକାଶ ପାଇଛି। ଗବେଷଣାରେ ପ୍ରଫେସର ପାତ୍ରଙ୍କ ସହ ଅମିତା ଚୌଧୁରୀ (ଲଭଲି ପ୍ରଫେସନାଲ ୟୁନିଭରସିଟି), ବଳରାମ ବେହେରା (ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ବିଭାଗର ଛାତ୍ର) ଏବଂ ମେକ୍ସିକୋର ଦି କୋଲେଜିଓ ଦେ ଲା ଫ୍ରଣ୍ଟେରା ସୁରର ଯେସିକା ଚାଭେଜ-ଲୋପେଜ ସାମିଲ ଥିଲେ।

# ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ବୃତ୍ତି ଆବେଦନ ୨୪ ଯାଏ ବଢ଼ିଲା

ଭୁବନେଶ୍ୱର,୧୩।୧୦ (ସୁଚିସ୍ମିତା ସାହୁ)

ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନରେ ବିଭିନ୍ନ ବୃତ୍ତି ପାଇଁ ଆବେଦନ ଅବଧିକୁ ବୃଦ୍ଧି କରାଯାଇଛି। ଇ-ମେଧାବୃତ୍ତି, ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ଯୋଜନା ଏବଂ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା ଲାଗି ଆବେଦନର ଶେଷ ତାରିଖ ଅକ୍ଟୋବର ୧୦ ରହିଥିଲା। ଏବେ ଏହାକୁ ଅକ୍ଟୋବର ୨୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। www.scholarship.odisha.gov.inରେ ଆବେଦନ କରିବାକୁ କୁହାଯାଇଛି। ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଇ-ମେଧାବୃତ୍ତି ଓ ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ପାଇଁ ଆବେଦନ ଫର୍ମଗୁଡ଼ିକୁ ୩୧ ତାରିଖ ମଧ୍ୟରେ ଯାଞ୍ଚ କରାଯିବ। ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାର ଫର୍ମଗୁଡ଼ିକ ଯାଞ୍ଚ ପାଇଁ ନଭେମ୍ବର ୧୦ ଶେଷ ତାରିଖ ରଖାଯାଇଛି। ଇ-ମେଧାବୃତ୍ତି ମାଧ୍ୟମରେ ସ୍ନାତକ ଛାତ୍ରୀଛାତ୍ରଙ୍କୁ ୧୦ହଜାର, ସ୍ନାତକୋତ୍ତରଙ୍କୁ ୧୫ ହଜାର ଏବଂ ବୈଷୟିକ ଓ ବୃତ୍ତିଗତ ଛାତ୍ରୀଛାତ୍ରଙ୍କୁ ୨୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ଗୋପବନ୍ଧୁ ଯୋଜନାରେ ଯେଉଁ ପିଲାଙ୍କର ପାରିବାରିକ ଆୟ ୨ଲକ୍ଷ ୫୦ ହଜାର ଟଙ୍କାରୁ କମ୍ ରହିଛି, ସେମାନଙ୍କୁ ପ୍ରତି ବର୍ଷ ୨୦ହଜାର ଟଙ୍କା ବୃତ୍ତି ପ୍ରଦାନ କରାଯାଉଛି। ସେହିପରି ଓଡ଼ିଆ ସ୍ନାତକୋତ୍ତର ପାଠ୍ୟକ୍ରମରେ ଯୋଗ୍ୟତା ଅର୍ଜନ କରିଥିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏକକାଳୀନ ୩୦ହଜାର ଟଙ୍କା ଏବଂ ଓଡ଼ିଆ ସମ୍ମାନ(ମେଜର)ସ୍ନାତକ ପାଠ୍ୟକ୍ରମରେ ଯୋଗ୍ୟତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଏକକାଳୀନ ୨୦ ହଜାର ଟଙ୍କା ଆର୍ଥିକ ଅନୁଦାନ ଯୋଗାଇ ଦିଆଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



> ଯଦି କ୍ରୀତଦାସଟିଏ ନ ହୋଇ ମୁକ୍ତ ମଣିଷ ହେବାକୁ ଚାହ– ଯଦି ତୁମେ ମୃତ୍ୟୁର ଅନ୍ଧାର ଭିତରେ ନ ରହି– ଅମର ହେବାକୁ ଚାହ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଶିକାର ନ ହୋଇ– ଆନନ୍ଦମୟ ଜୀବନ ବଞ୍ଚିବାକୁ ଚାହ– ଦୁର୍ବଳ ନ ହୋଇ ଖୁବ୍ ଶକ୍ତିମାନ ହେବାକୁ ଚାହ– ତେବେ ଅନନ୍ତ ମଧ୍ୟରେ ବାସ କର ଓ ଶାନ୍ତକୁ ଅଧିକାର କର। **–ଶ୍ରୀଅରବିନ୍ଦ**

# ରଦ୍ଦି କାଗଜ

ଭାରତରେ ଗବେଷଣା ସ୍ତର କିଭଳି ରହିଛି ତାହାର ଏକ ନମୁନା ଏବେ ଦେଖିବାକୁ ମିଳିଛି। ଗତ ୪ ମାସ ତଳେ ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସର ପୂର୍ବତନ ସଭାପତି ପାର୍ଥ ମଜୁମଦାର, ବାଙ୍ଗାଲୋର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଏଚ୍. ଏ. ରଙ୍ଗନାଥ, ବାଙ୍ଗାଲୋରସ୍ଥିତ ନ୍ୟାଶନାଲ ସେଣ୍ଟର ଫର୍ ବାୟୋଲୋଜିକାଲ ସାଇନ୍ସର ନିର୍ଦ୍ଦେଶକ ଏଲ୍.ଏସ୍. ଶଶିଧରନ୍‌ଙ୍କ ଭଳି ସୁପରିଚିତ ଜାତୀୟସ୍ତରୀୟ ୧୧ ବୈଜ୍ଞାନିକ ଚିଠି ଲେଖି କେନ୍ଦ୍ର ସରକାରଙ୍କୁ ଜଣାଇଥିଲେ ଯେ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍)ରେ ଉଚ୍ଚ ର୍‍ୟାଙ୍କ ବଢାଯିବାରେ ଦୁର୍ନୀତି ତଥା ଅନୈତିକ ଉପାୟ ଅବଲମ୍ବନ କରାଯାଇଛି। ଜୁନ୍ ୮ରେ ଏହି ବିଶିଷ୍ଟ ବୈଜ୍ଞାନିକମାନେ ଦର୍ଶାଇଥିବା ଅସଙ୍ଗତିର ଉତ୍ତର ଏବେ ପର୍ଯ୍ୟନ୍ତ ମିଳିପାରି ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଗମ୍ଭୀର କଥା ହେଉଛି ଯେ, ଭାରତରେ ଅଧିକାଂଶ ଉଚ୍ଚଶିକ୍ଷା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ବିଦ୍ୟାର୍ଥୀ ଓ ଫାକଲ୍‌ଟିଙ୍କୁ ବ୍ୟବହାର କରି କେବଳ ଅଧିକ ସଂଖ୍ୟକ ଗବେଷଣାତ୍ମକ ପ୍ରକାଶନ ନେଇ ପ୍ରସ୍ତୁତ କରୁଛନ୍ତି। ଏଗୁଡ଼ିକୁ ଅଜଣା, ଅଶୁଣା ଓ ନିମ୍ନମାନର ଜର୍ନାଲରେ ପ୍ରକାଶ କରି ଡିଗ୍ରୀ ଅର୍ଜନ କରାଉଛନ୍ତି। ଏଭଳି ଶିକ୍ଷାନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଭଳି ଅନ୍ୟ ସରକାରୀ ସଂସ୍ଥାର ନିୟମାବଳୀକୁ ପାଳନ କରିବାକୁ ଯାଇ ବିଭିନ୍ନ ପ୍ରକାରର ଦୁର୍ନୀତିରେ ଲିପ୍ତ ହେଉଛନ୍ତି। ଏହା ଫଳରେ ନିୟମ ମାନିବା ସହଜ ହେଉଛି ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ଉଚ୍ଚ ର୍‍ୟାଙ୍କିଙ୍ଗ ମିଳିପାରୁଛି। କିନ୍ତୁ ଗୁଣାତ୍ମକ ଦୃଷ୍ଟିକୋଣରୁ ଦେଖିଲେ ଏତେ ସଂଖ୍ୟକ ଗବେଷଣାରୁ କୌଣସି ଉପାଦେୟ ଫଳ ମିଳିପାରୁ ନାହିଁ। ଅର୍ଥାତ୍ ଭାରତର ସରକାରୀ ଓ ବେସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରୁ ବାହାରୁଥିବା ବହୁସଂଖ୍ୟକ ଗବେଷଣାପତ୍ର ମୂଲ୍ୟହୀନ ହୋଇଯାଉଛି।

ଉପରଲିଖିତ ବୈଜ୍ଞାନିକମାନେ ଆହୁରି ଚିନ୍ତା ବ୍ୟକ୍ତ କରିଛନ୍ତି ଯେ କିଛି ଅନୁଷ୍ଠାନ ଛାତ୍ରମାନଙ୍କୁ କିମ୍ବା ଫାକଲ୍‌ଟିଙ୍କୁ ନିଜ ସହକର୍ମୀଙ୍କ କାର୍ଯ୍ୟକୁ ଗବେଷଣାରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡୁଛି; ସେସବୁ ପ୍ରାସଙ୍ଗିକ ହେଉ ବା ନ ହେଉ ତାହା ଗୁରୁତ୍ୱ ରଖୁ ନ ଥିଲେ ମଧ୍ୟ ଗବେଷଣା ସଂଖ୍ୟା ବୃଦ୍ଧି କରିଥାଏ। ଉଦାହରଣ ସ୍ୱରୂପ, ଗୋଟିଏ ବିଶ୍ୱବିଦ୍ୟାଳୟର ଛାତ୍ର ଓ ଫାକଲ୍‌ଟିମାନଙ୍କ ଦ୍ୱାରା ଫଳ ଓ ପନିପରିବା ଉପଭୋଗ ଉପରେ ପ୍ରକାଶିତ ଏକ ଗବେଷଣାପତ୍ର ସେହି ବିଶ୍ୱବିଦ୍ୟାଳୟର ଅନ୍ୟମାନଙ୍କ ଦ୍ୱାରା ଡିଜେଲ ଇଞ୍ଜିନ ଉପରେ କରାଯାଇଥିବା ଅଧ୍ୟୟନକୁ ଉଲ୍ଲେଖ କରିଥିଲା। ଏଭଳି ବିଷୟସବୁ ଯାହା ଦର୍ଶାଯାଇଛି ତାହା ଭାରତୀୟ ଗବେଷଣା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ସ୍ୱାଭାବିକ। ବିପୁଳ ଅର୍ଥ ବ୍ୟୟ ହେଉଥିବା ସତ୍ତ୍ୱେ ସମାଜ କିମ୍ବା ଦେଶ ତା'ର ସୁଫଳ ପାଇପାରୁନାହିଁ।

> **ଗବେଷଣାକୁ ବ୍ୟବସାୟରେ ପରିଣତ କରିଦିଆଯିବା ଯୋଗୁ ହୁଏତ ଭାରତରେ ଗବେଷକଙ୍କ ସଂଖ୍ୟା ବୃଦ୍ଧି ପାଇଛି। କିନ୍ତୁ ଶିକ୍ଷା ଓ ବାସ୍ତବ ଅନୁଧ୍ୟାନରେ ଠକେଇ ହେଉଛି ବୋଲି ହୃଦ୍‌ବୋଧ ହେଲାଣି। ଅତଏବ ଏବେଠାରୁ ଗବେଷଣାର ଗୁଣାତ୍ମକ ଦିଗକୁ ଗୁରୁତ୍ୱ ଦିଆ ନ ଗଲେ ଅନେକ ବିଦ୍ୟାର୍ଥୀ ଅନୁଧ୍ୟାନ କରି ପାଉଥିବା ଡିଗ୍ରୀ କେବଳ ରଦ୍ଦି କାଗଜ ହୋଇ ରହୁଥିବ।**

ଉଚ୍ଚଶିକ୍ଷାରେ ଗବେଷଣା ସର୍ବଦା ବିଶେଷ ଗୁରୁତ୍ୱ ବହନ କରିଥାଏ। ପିଏଚ୍.ଡି, ଡିଲିଟ୍ ବା ଡିଏସ୍‌ସି ଆଦି ଡିଗ୍ରୀ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମାଜରେ ଅତି ପଢୁଆ ଲୋକ ବୋଲି ବିବେଚନା କରାଯାଇଥାଏ। ଯେଉଁ ବ୍ୟକ୍ତିଙ୍କ ଅଧୀନରେ ଅଧିକ ଛାତ୍ରୀଛାତ୍ର ଗବେଷଣା କରି ସଫଳତା ପାଇଥିବେ ତାଙ୍କର ଖ୍ୟାତି ବଢ଼ିଥାଏ। ଅନୁରୂପ ଭାବେ ଯେଉଁ ବିଶ୍ୱବିଦ୍ୟାଳୟ ବା ଉଚ୍ଚଶିକ୍ଷାନୁଷ୍ଠାନ ଯେତେ ଗବେଷକଙ୍କୁ ସୃଷ୍ଟି କରିଥିବ, ସେଠାରେ ପଢ଼ିବା ଲାଗି ବିଦ୍ୟାର୍ଥୀମାନେ ଆଗ୍ରହ ପ୍ରକାଶ କରିଥାଆନ୍ତି। ସେହି ଅନୁଯାୟୀ ସରକାରୀ କିମ୍ବା ବିଦେଶରୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଆର୍ଥିକ ଅନୁଦାନ ମଧ୍ୟ ମିଳିଥାଏ। ତେଣୁ ୟୁଜିସି, କେନ୍ଦ୍ର ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ଉପଦେଷ୍ଟା ଓ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ଗତ ୪ ମାସ ତଳେ ଯେଉଁ ବୈଜ୍ଞାନିକମାନେ ଚିଠି ଲେଖି ଗବେଷଣାରେ ଅସ୍ୱାଭାବିକତା ରହିଥିବା ଦର୍ଶାଇଥିଲେ, ସେ ସଂକ୍ରାନ୍ତରେ ସେମାନଙ୍କୁ କିଛି ଜଣାଇ ଦିଆ ନ ଯିବା ନିଶ୍ଚିତ ଭାବେ ବ୍ୟବସ୍ଥାରେ ଅସଙ୍ଗତିକୁ ଦର୍ଶାଉଛି। ଗବେଷଣା ସଂଖ୍ୟାତ୍ମକ ନ ହୋଇ ଗୁଣାତ୍ମକ କରାଯିବା ପାଇଁ ମେଥଡୋଲୋଜିରେ ସଂସ୍କାର ଉପରେ ସେମାନେ ଯେଉଁ ଗୁରୁତ୍ୱ ଦେଇଥିଲେ ତାହା ଉପରେ ତର୍ଜମା କରାଯିବା ଦରକାର। ର୍‍ୟାଙ୍କ୍‌ରେ ଶ୍ରେଷ୍ଠତ୍ୱ ହାସଲ ପାଇଁ ଧରାଧରି, ପ୍ରିୟାପ୍ରୀତି ତୋଷଣ କିମ୍ବା ଆବଶ୍ୟକ ସ୍ଥଳେ ଅର୍ଥ କାରବାର ହୋଇଥାଏ ବୋଲି ସାଧାରଣରେ ଆଲୋଚନା ହେଉଥିବା ସମସ୍ତେ ଜାଣନ୍ତି। କିନ୍ତୁ ତାହା ଖୋଲାଖୋଲି ପ୍ରକାଶ ପାଇବା ଭାରତର ଗବେଷଣା ସ୍ତରକୁ ନ୍ୟୁନ କରୁଛି।

ସମ୍ଭବତଃ ଗବେଷଣା ଗୁଣାତ୍ମକ ସ୍ତରର ହେଉ ନ ଥିବାରୁ ଭାରତୀୟମାନେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିପାରୁନାହାନ୍ତି। ଭାରତରେ ମେଡିସିନ୍, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନରେ ଯେଉଁମାନେ ନୋବେଲ ପାଇଛନ୍ତି ସେମାନେ ପ୍ରାୟତଃ ବିଦେଶରେ ଗବେଷଣା କରି ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି। ଗବେଷଣାକୁ ବ୍ୟବସାୟରେ ପରିଣତ କରିଦିଆଯିବା ଯୋଗୁ ହୁଏତ ଭାରତରେ ଗବେଷକଙ୍କ ସଂଖ୍ୟା ବୃଦ୍ଧି ପାଇଛି। କିନ୍ତୁ ଶିକ୍ଷା ଓ ବାସ୍ତବ ଅନୁଧ୍ୟାନରେ ଠକେଇ ହେଉଛି ବୋଲି ହୃଦ୍‌ବୋଧ ହେଲାଣି। ଅତଏବ ଏବେଠାରୁ ଗବେଷଣାର ଗୁଣାତ୍ମକ ଦିଗକୁ ଗୁରୁତ୍ୱ ଦିଆ ନ ଗଲେ ଅନେକ ବିଦ୍ୟାର୍ଥୀ ଅନୁଧ୍ୟାନ କରି ପାଉଥିବା ଡିଗ୍ରୀ କେବଳ ରଦ୍ଦି କାଗଜ ହୋଇ ରହୁଥିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 1 | | 8 | | | | |
| 3 | 7 | | 2 | | | 4 | | |
| | 8 | | | 4 | | | | 5 |
| 8 | | | | | | 3 | 2 | |
| | | | | | | | 6 | 8 |
| 4 | | 2 | | 1 | | | | |
| | | | 4 | | | | | |
| 5 | 3 | | | | | | | 7 |
| | | 6 | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 4 | 3 | 8 | 5 | 7 | 6 | 1 |
| 5 | 1 | 6 | 2 | 7 | 4 | 8 | 3 | 9 |
| 8 | 3 | 7 | 9 | 1 | 6 | 5 | 2 | 4 |
| 1 | 8 | 9 | 6 | 4 | 7 | 3 | 5 | 2 |
| 4 | 5 | 2 | 8 | 3 | 9 | 6 | 1 | 7 |
| 6 | 7 | 3 | 1 | 5 | 2 | 4 | 9 | 8 |
| 7 | 6 | 1 | 4 | 2 | 3 | 9 | 8 | 5 |
| 9 | 2 | 5 | 7 | 6 | 8 | 1 | 4 | 3 |
| 3 | 4 | 8 | 5 | 9 | 1 | 2 | 7 | 6 |

ଗତକାଲିର ଉତ୍ତର

# ଅବକ୍ଷୟ ପଥେ ଗଣତନ୍ତ୍ର



ପ୍ରକାଶ ତ୍ରିପାଠୀ

ବିଶ୍ୱରେ ଗଣତାନ୍ତ୍ରିକ ପଦ୍ଧତିକୁ ଶାସନ ବ୍ୟବସ୍ଥାର ଶ୍ରେଷ୍ଠ ପଦ୍ଧତି ଭାବେ ବିବେଚନା କରାଯାଏ। ଗଣତନ୍ତ୍ରର ସବୁଠାରୁ ଅଧିକ ଗ୍ରହଣୀୟତା ଏଥିପାଇଁ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ କୌଣସି ଦୂରତା ନ ଥାଏ।। ଉଭୟଙ୍କ ମଧ୍ୟରେ ବିଶ୍ୱାସ ଏବଂ ସ୍ୱଚ୍ଛତାର ସମ୍ପର୍କ ଏହାକୁ ପରିପୁଷ୍ଟ କରିଥାଏ।। ଗଣତନ୍ତ୍ରରେ ଲୋକମାନଙ୍କୁ ସେମାନଙ୍କର ସରକାର ବାଛିବାର ଅଧିକାର ଅଛି। ଯଦି ନିର୍ବାଚିତ ସରକାର ସେମାନଙ୍କ କାର୍ଯ୍ୟଶୈଳୀରେ ଭୁଲଭଟକା କରନ୍ତି ବା ଜନସାଧାରଣଙ୍କ ଇଚ୍ଛା ବିରୋଧରେ କାର୍ଯ୍ୟ କରନ୍ତି ତେବେ ଲୋକମାନେ ପରବର୍ତ୍ତୀ ନିର୍ବାଚନରେ ତାଙ୍କୁ ବରଖାସ୍ତ କରି ନୂତନ ସରକାର ଗଠନ କରିବାରେ ସଫଳ ହୁଅନ୍ତି। ଅନ୍ୟ ଯେକୌଣସି ଶାସନ ବ୍ୟବସ୍ଥା ଅପେକ୍ଷା ଗଣତନ୍ତ୍ରରେ ଅଧିକ ବାକ ସ୍ୱାଧୀନତା ଥାଏ। ଜନସାଧାରଣ ଗଣତନ୍ତ୍ରରେ ଖୋଲାଖୋଲି ଭାବରେ ସେମାନଙ୍କର ମତ ପ୍ରକାଶ କରିପାରନ୍ତି। ଗଣତନ୍ତ୍ର ଏକ ଉତ୍ତମ ଶାସନ ବ୍ୟବସ୍ଥା, ଯେଉଁଥିରେ ବ୍ୟକ୍ତିଗତ ମର୍ଯ୍ୟାଦା ଏବଂ ସମାନତାକୁ ବଜାୟ ରଖାଯାଏ। ନାଗରିକମାନଙ୍କୁ ନିଷ୍ପତ୍ତି ଗ୍ରହଣରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଏ। ଭୁଲ୍ ସଂଶୋଧନ କରାଯାଏ, ଶାନ୍ତିପୂର୍ଣ୍ଣ ଭାବରେ ଦ୍ୱନ୍ଦ୍ୱ ସମାଧାନ ହୁଏ ଏବଂ ନିୟମିତ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ମାଧ୍ୟମରେ ସରକାର ଗଠନ କରାଯାଏ। ଗଣତନ୍ତ୍ର ଏକ ବୈଧ ସରକାରକୁ ପ୍ରତିଷ୍ଠିତ କରେ, ଯାହା ଦେଶର ବିକାଶ ତଥା ନାଗରିକଙ୍କ ଆବଶ୍ୟକତା ଏବଂ ଇଚ୍ଛା ପ୍ରତି ଯତ୍ନଶୀଳ ହୋଇଥାଏ। କିନ୍ତୁ ବିଡ଼ମ୍ବନା ହେଉଛି ଯେ ଗତ କିଛି ବର୍ଷ ମଧ୍ୟରେ ବିଶ୍ୱ ସ୍ତରରେ ଗଣତନ୍ତ୍ରର ଏହି ରୂପ ନିରନ୍ତର ଦୁର୍ବଳ ହେବାରେ ଲାଗିଛି। ଏହି ଅବନତି କେବଳ ରାଜନୈତିକ ପ୍ରତିଷ୍ଠାନ ମଧ୍ୟରେ ସୀମିତ ନୁହେଁ, ବରଂ ଗଣମାଧ୍ୟମର ସ୍ୱାଧୀନତା, ନ୍ୟାୟପାଳିକାର ନିରପେକ୍ଷତା, ନାଗରିକ ଅଧିକାର ଏବଂ ସ୍ୱଚ୍ଛ ନିର୍ବାଚନ ଭଳି ଗଣତନ୍ତ୍ରର ମୌଳିକ ସ୍ତମ୍ଭ ଉପରେ ମଧ୍ୟ ବହୁତ ଚାପ ସୃଷ୍ଟି କରିଛି। ଷ୍ଟକ୍‌ହୋମସ୍ଥିତ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ ଆସିଷ୍ଟାନ୍ସ (ଆଇଡିଏ) ଦ୍ୱାରା ସମ୍ପ୍ରତି ପ୍ରକାଶିତ ଗ୍ଲୋବାଲ ଷ୍ଟେଟ୍ ଅଫ୍ ଡେମୋକ୍ରାସି-୨୦୨୫ ରିପୋର୍ଟ, ଗଣତନ୍ତ୍ରର ଏହି ଅବକ୍ଷୟର ଗମ୍ଭୀରତାକୁ ଉଜାଗର କରିଛି।

୧୭୩ଟି ଦେଶର ବିଶ୍ଳେଷଣରୁ ଜଣାପଡିଛି ଯେ ୯୪ଟି ଦେଶ, ଅର୍ଥାତ୍ ଅଧାରୁ ଅଧିକ ଦେଶରେ ଅତି କମ୍‌ରେ ଗୋଟିଏ ଗଣତାନ୍ତ୍ରିକ ସୂଚକାଙ୍କରେ ହ୍ରାସ ପରିଲକ୍ଷିତ ହୋଇଛି। ବିଶ୍ୱସନୀୟ ନିର୍ବାଚନର ଅଭାବ ଏବଂ ସଂସଦୀୟ ନିଷ୍କ୍ରିୟତା ଭଳି ଧାରା ଗଭୀର ଚିନ୍ତାର ବିଷୟ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ ଆଫ୍ରିକା ଏବଂ ୟୁରୋପରେ ଏହି ହ୍ରାସ ଚିନ୍ତା ଉଦ୍ରେକକାରୀ। ସେହି ସମୟରେ ପ୍ରେସ୍‌ର ସ୍ୱାଧୀନତା ଭଳି ଗଣତନ୍ତ୍ରର ମୌଳିକ ସ୍ତମ୍ଭରେ ଏକ ଅଭୂତପୂର୍ବ ହ୍ରାସ ରେକର୍ଡ କରାଯାଇଛି। ଏହା ଗତ ୫୦ ବର୍ଷ ମଧ୍ୟରେ ସବୁଠାରୁ ବଡ ହ୍ରାସ। ୪୩ଟି ଦେଶରେ ସାମ୍ବାଦିକତା ଉପରେ ପ୍ରତିବନ୍ଧକ ବୃଦ୍ଧି ପାଇଛି, ଯାହାର ଉଦାହରଣ ଆଫଗାନିସ୍ତାନ, ମ୍ୟାନ୍‌ମାର ଏବଂ ଦକ୍ଷିଣ କୋରିଆ ଭଳି ଦେଶ। ଆମେରିକା ଭଳି ଦେଶ, ଯାହାକୁ ଦୀର୍ଘ ସମୟ ଧରି ଗଣତନ୍ତ୍ରର ମଡେଲ ଭାବରେ ବିବେଚନା କରାଯାଉଥିଲା, ଏବେ ସେମାନଙ୍କ ନିଜସ୍ୱ ମାନଦଣ୍ଡରୁ ପଛକୁ ହଟି ଯାଉଥିବା ଦେଖାଯାଉଛି। ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ତଥା ଏହାକୁ ଜୀବନ୍ତ ରଖିବା ପାଇଁ କେବଳ ନିର୍ବାଚନରେ ଭୋଟ ଦେବା, ନିରନ୍ତର ତଦାରଖ, ପ୍ରତିବାଦ ଏବଂ ସଂସ୍କାର ଦାବି କରିବା ଯଥେଷ୍ଟ ନୁହେଁ। ଗଣତନ୍ତ୍ରର ଅବକ୍ଷୟକୁ ରୋକିବା ପାଇଁ କେବଳ ସମାଲୋଚନାର ଆବଶ୍ୟକତା ନୁହେଁ, ବରଂ ସକ୍ରିୟ ଜନସଚେତନତା ଏବଂ ଗଣ ଆନ୍ଦୋଳନର ଆବଶ୍ୟକତା ଅଛି, ଯାହା ଗଣତନ୍ତ୍ରକୁ ତାହାର ମୂଳ ଉଦ୍ଦେଶ୍ୟକୁ ଫେରାଇ ନେଇପାରିବ। ଗଣତନ୍ତ୍ର କେବଳ ଅନୁଷ୍ଠାନରୁ ନୁହେଁ ବରଂ ଜନ ଅଂଶଗ୍ରହଣରୁ ଜୀବନ ପାଏ ଓ ସୁଦୃଢ଼ ହୁଏ। ନାଗରିକ, ଗଣମାଧ୍ୟମ, ବୁଦ୍ଧିଜୀବୀ, ଶିକ୍ଷକ, ଛାତ୍ର ଏବଂ ସମାଜର ପ୍ରତ୍ୟେକ ବର୍ଗକୁ ବୁଝିବାକୁ ପଡିବ ଯେ ଗଣତନ୍ତ୍ରକୁ ସୁରକ୍ଷା ଦେବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ। ସମ୍ବିଧାନ, ଅନୁଷ୍ଠାନ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ଜନସାଧାରଣଙ୍କୁ ଏକଜୁଟ ହେବାକୁ ପଡିବ। ଗଣତନ୍ତ୍ରକୁ କେବଳ ସଚେତନ ନାଗରିକଙ୍କ ଆବଶ୍ୟକତା ନୁହେଁ , ବରଂ ସମ୍ବେଦନଶୀଳ ଏବଂ ସାହସୀ ନାଗରିକଙ୍କ ଆବଶ୍ୟକତା ଅଛି। ଗଣତନ୍ତ୍ର କେବଳ ଏକ ବ୍ୟବସ୍ଥା ନୁହେଁ – ଏହା ଏକ ନିରନ୍ତର ପ୍ରକ୍ରିୟା, ଯେଉଁଥିରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ର ସେଇଠି ସଫଳ ହୁଏ ଯେଉଁଠାରେ ନାଗରିକ ଶିକ୍ଷିତ ଓ ସଚେତନ ହୋଇଥାଏ।



ଯଦି ଆମେ ଗଣତନ୍ତ୍ରକୁ ବଞ୍ଚାଇବାକୁ ଚାହୁଁ, ତେବେ ଆମକୁ ଆମର ସ୍ୱାଧୀନତା, ଅଧିକାର ଏବଂ ସ୍ୱାଭିମାନକୁ ଅକ୍ଷୁର୍ଣ୍ଣ ରଖିବା ଆବଶ୍ୟକ। ସାମଗ୍ରିକ ଭାବରେ କୁହାଯାଇପାରେ ଯେ ଆଜି ଗଣତାନ୍ତ୍ରିକ ଶକ୍ତି ହ୍ରାସ ଯୋଗୁ ଏକଚ୍ଛତ୍ରବାଦ ବୃଦ୍ଧି ପାଉଛି। ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆକ୍ରମଣ ହେଉଛି। ନିର୍ବାଚନୀ କାର୍ଯ୍ୟକଳାପ ଠିକ୍ ଭାବରେ ପରିଚାଳିତ ହେଉନାହିଁ। ସର୍ବାଧିକ ଭୋଟ ପାଇବା ପରିବର୍ତ୍ତେ ଭୋଟ ବିଭାଜନ କରି ନିର୍ବାଚନ ଜିତାଯାଉଛି। ଏପରି ପରିସ୍ଥିତିରେ ନିର୍ବାଚନ ଜିତିବା ପାଇଁ ବଡ଼ ବଡ଼ ରାଜନୈତିକ ବିଶେଷଜ୍ଞଙ୍କ ସାହାଯ୍ୟ ନିଆଯାଉଛି। ନାଗରିକଙ୍କୁ କଳେବଳେ କୌଶଳେ ପ୍ରଭାବିତ କରାଯାଉଛି। ଗଣତନ୍ତ୍ରକୁ ଫମ୍ପା କରିବାରେ ଏହି ନିର୍ବାଚନ ପଦ୍ଧତିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ ବର୍ତ୍ତମାନ ୩୦୦ ନିୟୁତରୁ ଅଧିକ ଲୋକ ସେମାନଙ୍କ ନିଜ ଦେଶ ବାହାରେ ବାସ କରୁଛନ୍ତି। ୧୯୭୦ ପରଠାରୁ ଏହି ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଏହି ନାଗରିକଙ୍କର ରାଜନୈତିକ ଅନ୍ତର୍ଭୁକ୍ତି ତଥା ଗଣତାନ୍ତ୍ରିକ ଓ ନାଗରିକ ଅଧିକାର ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦେଶରେ ରହୁଥିବା ନାଗରିକଙ୍କ ପାଇଁ ଭୋଟଦାନ ଅଧିକାରର ବୈଷୟିକ, ଆଇନଗତ ଏବଂ ସଂସ୍ଥାଗତ ଦିଗ ଉପରେ ଧ୍ୟାନ ଦେଇ ସେମାନଙ୍କ ଭୋଟଦାନକୁ କ୍ରିୟାଶୀଳ ପୂର୍ବକ ଗଣତାନ୍ତ୍ରିକ ସ୍ଥିରତାକୁ ସୁଦୃଢ଼ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

ତଥାପି ଏହି ନିରାଶାଜନକ ପରିସ୍ଥିତିରେ କିଛି ଦେଶ ଆଶାର କିରଣ ହୋଇ ରହିଛନ୍ତି। ବୋଟସୱାନା ଏବଂ ଦକ୍ଷିଣ ଆଫ୍ରିକା ପରି ଆଫ୍ରିକୀୟ ଦେଶଗୁଡ଼ିକ ସ୍ୱଚ୍ଛ ନିର୍ବାଚନ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି। ଡେନ୍‌ମାର୍କ, ଜର୍ମାନୀ, ନରୱେ ଏବଂ ସ୍ୱିଜରଲାଣ୍ଡ ପରି ଦେଶଗୁଡ଼ିକ ଏବେ ବି ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେଉଛନ୍ତି। ଏହି ଉଦାହରଣଗୁଡ଼ିକ ବାର୍ତ୍ତା ଦିଅନ୍ତି ଯେ ଯଦି ଇଚ୍ଛାଶକ୍ତି ଥାଏ, ତେବେ ଗଣତନ୍ତ୍ରକୁ ସୁଦୃଢ଼ କରିବା ସମ୍ଭବ। ନିର୍ମଳ ଚରିତ୍ର, କର୍ତ୍ତବ୍ୟନିଷ୍ଠା, ସାଧୁତା, ନିରପେକ୍ଷତା, ତିତିକ୍ଷା,ସେବା ମନୋବୃତ୍ତି, ଦୁର୍ନୀତିହୀନତା ଆଦି ନାନା ଗୁଣ ଗଣତନ୍ତ୍ର ଶାସନକୁ କରିଥାଏ ସୁଦୃଢ଼। ଗଣତନ୍ତ୍ର ଦୁର୍ବଳ ହେବାର ଅନେକ କାରଣ ଅଛି – କ୍ଷମତା ପ୍ରତି ଲାଳସା, ପ୍ରତିଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରିବାର ପ୍ରବୃତ୍ତି, ଗଣମାଧ୍ୟମକୁ ଦମନ କରିବାର ପ୍ରୟାସ ଏବଂ ନାଗରିକଙ୍କ ଉଦାସୀନତା। କିନ୍ତୁ ଏହା ସହିତ ଲଢ଼ିବା ପାଇଁ ଆମ ପାଖରେ ଏକ ସମାଧାନ ମଧ୍ୟ ଅଛି, ତାହା ହେଉଛି ଏକ ସଚେତନ, ସକ୍ରିୟ ଏବଂ ସଂଗଠିତ ନାଗରିକ ସମାଜ। ଜନ ଅଂଶଗ୍ରହଣ, ପ୍ରଶ୍ନ ପଚାରିବାର ସଂସ୍କୃତି ଏବଂ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ ହେଉଛି ଗଣତନ୍ତ୍ରର ମେରୁଦଣ୍ଡ। ଶୃଙ୍ଖଳିତ ଏବଂ ପରିମାର୍ଜିତ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ପଦ୍ଧତି। ଯେପର୍ଯ୍ୟନ୍ତ ଜନସାଧାରଣ ନିଜେ ଗଣତନ୍ତ୍ର ବିଷୟରେ ସଚେତନ ଏବଂ ଜାଗ୍ରତ ନ ହୁଅନ୍ତି, କୌଣସି ବ୍ୟବସ୍ଥା ଏହାକୁ ରକ୍ଷା କରିପାରିବ ନାହିଁ।

**ମୋ: ୯୪୩୭୨୩୨୪୬୩**

# ଜିଇ ଥାଉଥାଉ ମାରିବା



ଡ. ସୀତାକାନ୍ତ ତ୍ରିପାଠୀ

କିଛିଦିନ ତଳେ 'ଜିଇ ଥାଉଥାଉ ମାରିବା' ଶୀର୍ଷକକୁ ନେଇ ଦୁଇଟି ରୋଚକ ଖବର ପ୍ରକାଶ ପାଇଥିଲା, ଯାହା ସାଧାରଣରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ପାଲଟିଥିଲା। ପ୍ରଥମ ଖବରରେ ଜଣେ ପ୍ରାପ୍ତବୟସ୍କା ଝିଅ ଭିନ୍ନ ଧର୍ମରେ ବିବାହ କରିବାରୁ ପରିବାର ଲୋକ ଉଭୟ କ୍ରୋଧ ଏବଂ ଲୋକନିନ୍ଦା ଭୟରେ ଝିଅଟିକୁ ଶୁଦ୍ଧି ହେଲେ। ବିବାହ, ପ୍ରାପ୍ତବୟସ୍କ ପୁଅ ଏବଂ ଝିଅଙ୍କର ନିଷ୍ପତ୍ତି ତଥା ଆଇନତଃ ସମ୍ମତି କଥା ବିଚାର କରିବାର ଧୈର୍ଯ୍ୟ କିମ୍ବା ସାହସ ପରିବାର ସଦସ୍ୟମାନଙ୍କ ପାଖରେ ନ ଥିଲା। କେବଳ ଚିରାଚରିତ ପ୍ରଥା, ପରମ୍ପରାକୁ ଜାବୁଡ଼ି ଧରି ତା'ରି ମଧ୍ୟରେ କେମିତି ବଞ୍ଚିହେବ ସେହି କଥାରେ ସମସ୍ତଙ୍କର ମନ, ଚିନ୍ତା ଏବଂ ବିଚାରଧାରା ସୀମିତ ଥିଲା। ଦ୍ୱିତୀୟ ଖବରରେ ଜଣେ ସ୍ୱାମୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ତାଙ୍କ ସ୍ତ୍ରୀକୁ ଛାଡ଼ିଦେଇ ବିଭିନ୍ନ ଆଳରେ ସିଏ ମୃତା ବୋଲି ପରିବାର, ସାହିପଡ଼ିଶା ଏବଂ ବନ୍ଧୁବାନ୍ଧବଙ୍କୁ ଜଣାଇ ତାଙ୍କର ମୃତାହ କର୍ମ ସମାପନ କରିବାର କରୁଣମୟ ଦାମ୍ପତ୍ୟ ଜୀବନ ସମ୍ପର୍କରେ ବର୍ଣ୍ଣନା କରାଯାଇଥିଲା। ତେବେ ଏଇ ଦୁଇଟି ଖବରରେ ଗୋଟିଏ ସକାରାତ୍ମକ କଥା ହେଲା ମିଛିମିଛିକା ମୃତ୍ୟୁ ହେବା କଥାକୁ ସେମାନେ ପ୍ରକାଶ କରିଛନ୍ତି ସିନା କିନ୍ତୁ ସତରେ ସେମାନେ ଜୀବନରୁ ମାରିଦେବାର ପ୍ରୟାସ କରିନାହାନ୍ତି। ନଚେତ୍ ପରିସ୍ଥିତି ନିଶ୍ଚିତ ଭିନ୍ନ ମୋଡ଼ ନେବାର ସମ୍ଭାବନା ଥିଲା।

ଏ ସବୁ ପ୍ରସଙ୍ଗ ନୂଆ ନୁହେଁ। ନିଜର ସ୍ୱାର୍ଥ ହାସଲ ନିମନ୍ତେ କେଉଁଠି ମୃତ ଲୋକକୁ ଜୀବନ୍ତ ଏବଂ ଜୀବନ୍ତ ଲୋକକୁ ମୃତ ବୋଲି ଦର୍ଶାଯାଇଛି। ବିଭିନ୍ନ ସମୟରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ମଧ୍ୟ ତାଙ୍କୁ ଜୀବନ୍ତ ଦର୍ଶାଇ ତାଙ୍କ ନାମରେ ଆସୁଥିବା ପେନ୍‌ସନ୍ ହାସଲ କରିବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ହାସଲ/ହଡ଼ପ କରିବା ପାଇଁ ପ୍ରୟାସ କରିଥାଆନ୍ତି। ଏ ସବୁ ବର୍ଗର ଲୋକମାନେ ବିଭିନ୍ନ ବୀମା କମ୍ପାନୀମାନଙ୍କଠାରୁ ପାଣ୍ଠି ହାସଲ କରିବା ପାଇଁ ଜୀବନ୍ତ ଲୋକଙ୍କୁ ମୃତକ ଦର୍ଶାଇବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିଥାଆନ୍ତି। ତେବେ ସଂସାରରେ ଏମିତି ତ୍ୟାଗୀ ଲୋକ ଅଛନ୍ତି, ଯେଉଁମାନେ ନିଜର ସର୍ବସ୍ୱ ଦାନ କରି ମରିବା ପାଇଁ ଅପେକ୍ଷା କରିଥିବା ଲୋକଙ୍କୁ ଜୀବନଦାନ କରିବା ପାଇଁ ପ୍ରୟାସ କରିଥାଆନ୍ତି। ଷୋଡ଼ଶ ଶତାବ୍ଦୀରେ ମିୱାର ରାଜ୍ୟର ପାନ୍ନା ଧାଈ ତାଙ୍କର ନିଜ ସନ୍ତାନକୁ ଶତ୍ରୁମାନଙ୍କ ହାତକୁ ଟେକିଦେଇ ଶତ୍ରୁମାନଙ୍କ ମନରେ ରାଜପୁତ୍ର ମରି ଯାଇଥିବାର କଥା ସୁନିଶ୍ଚିତ କରିଥିଲେ, ଯାହା ଫଳରେ ମହାରାଣା ଉଦୟ ପ୍ରତାପ ଦ୍ୱିତୀୟଙ୍କର ଜୀବନ ରକ୍ଷା ହେବା ସହିତ ରାଜବଂଶ ରକ୍ଷା ପାଇଯାଇଥିଲା। ନିଜ ପୁତ୍ରର ଜୀବନ ବଦଳରେ ଅନ୍ୟ ପୁତ୍ରର ଜୀବନ୍ତ ଅବସ୍ଥାକୁ ମୃତ ଦର୍ଶାଇବାର ଏହା ଏକ ଅନନ୍ୟ ଉଦାହରଣ। ଅନ୍ୟମାନଙ୍କ ଆକ୍ରମଣରୁ ନିଜକୁ ବଞ୍ଚାଇବା କିମ୍ବା ସୁରକ୍ଷିତ କରି ରଖିବା ପାଇଁ ନିଜକୁ ଅଭିନବ ଢଙ୍ଗରେ ମୃତ ଦର୍ଶାଇବାରେ ଅନେକ ଉଦାହରଣ ମଧ୍ୟରୁ ଜତୁଗୃହ ମଧ୍ୟରେ ପାଣ୍ଡବମାନେ ଜଣେ ମହିଳା ଏବଂ ତାଙ୍କ ପାଞ୍ଚ ପୁଅକୁ ରଖାଇଦେଇ ଦୁର୍ଯ୍ୟୋଧନଙ୍କ ମନରେ ସେମାନେ ମରିଯାଇଥିବାର କଥା ବିଶ୍ୱାସ ଜନ୍ମାଇଥିଲେ। ଯାହାଫଳରେ ସେମାନେ ଆଗକୁ କିଛିଦିନ ଦୁର୍ଯ୍ୟୋଧନଙ୍କ ଆକ୍ରମଣରୁ ବର୍ତ୍ତିଯିବା ସହିତ ନିଜର ରଣକୌଶଳକୁ ଅଧିକ ସୁଦୃଢ଼ ଏବଂ ଦୂରଦୃଷ୍ଟିସମ୍ପନ୍ନ କରାଇ ପାରିଥିଲେ।

ତେଣୁ ଜିଇ ଥାଉଥାଉ ମାରିବାର ଅନେକ ଦର୍ଶନ, ଲକ୍ଷ୍ୟ ଏବଂ କାରଣ ରହିଛି। ଯଦି ଏହା କୌଣସି ସଂକୀର୍ଣ୍ଣ ଚିନ୍ତାଧାରାର ବଶବର୍ତ୍ତୀ ହୋଇ କେବଳ ସାମୟିକ ସ୍ୱାର୍ଥସାଧନ କିମ୍ବା ସୁରକ୍ଷା ପାଇଁ ଅଭିପ୍ରେତ ହୋଇଥାଏ, ତେବେ ତାହା ଲୋକମୁଖରେ ନିନ୍ଦିତ ହୋଇଥାଏ। ଲୋକନିନ୍ଦା କିମ୍ବା ପ୍ରଶଂସା କ୍ଷଣିକ ହୋଇଥିବାରୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ହିସାବରେ ଏ ସମ୍ପର୍କିତ ସଠିକ୍ ନିଷ୍ପତ୍ତି ନେବା ଆବଶ୍ୟକ। ସରକାରୀ କଳ ମଧ୍ୟ ଏ ସବୁ ସ୍ପର୍ଶକାତର ପ୍ରସଙ୍ଗଗୁଡ଼ିକ ପ୍ରତି ସମ୍ବେଦନଶୀଳ ହେବାର ଅଛି ନଚେତ୍ ଆଇନକାନୁନ୍ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। କେବଳ ବାହାରୁ ଜିଇଥିବା ବ୍ୟକ୍ତିଙ୍କୁ ମୃତ କିମ୍ବା ଜୀବନ୍ତ ବ୍ୟକ୍ତିଙ୍କୁ ମୃତ ହିସାବରେ ଗଣନା କରିବା ପ୍ରସଙ୍ଗକୁ ଉପରଠାଉରିଆ ହିସାବରେ ନ ନେଇ ଏହାର କାରଣ ଓ ନିରାକରଣ ପାଇଁ ଉଚିତ୍ ପଦକ୍ଷେପ ନେବା ଜରୁରୀ।



ଅନ୍ୟପକ୍ଷରେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଏ ପ୍ରକାର ଛକିଶୂନ ଖେଳିବା ପାଇଁ ଅନେକ ଦଳ ପ୍ରୟାସ କରିଥାଆନ୍ତି। କେଉଁଠି ମୃତ ଜୀବିତ ହୋଇଯାଇଥାଏ ତ ଆଉ କେଉଁଠି ଜୀବନ୍ତ ମଧ୍ୟ ମୃତ ହୋଇ ଯାଇଥାଏ, ଯାହାର ଗଣିତ ସାଧାରଣ ଲୋକେ ବୁଝିବା କଷ୍ଟକର। ଏ ସବୁ ପ୍ରସଙ୍ଗରେ ନିକଟ ଅତୀତରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କର ସୁଚିନ୍ତିତ ମତ ରଖିଛନ୍ତି, ଯାହା ଆମମାନଙ୍କ ଚଳଣିକୁ ଆହୁରି ସରସ ସୁନ୍ଦର କରିବାରେ ସହାୟକ ହୋଇପାରିବ ବୋଲି ଆଶା କରାଯାଏ। ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ 'ସତ କେବେ ଲୁଚି ରହେନା'।

**ଅର୍ଣ୍ଣପାଳ, ଭଦ୍ରକ**
**ମୋ: ୯୭୭୮୭୬୪୩୯୪**

## ଏଇ ଭାରତରେ

ଦେଶରେ ଆଲୋକର ପର୍ବ ଦୀପାବଳି ପାଳନ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ତନ୍‌ବୀର ଇମାନ୍‌ଦାର ମହାରାଷ୍ଟ୍ରର ପୁଣେ ଜିଲା ମୁଲସି ବ୍ଲକ୍‌ର ୭ଟି ଗ୍ରାମରୁ ଅନ୍ଧକାର ଦୂରକରିବା ଲାଗି ଯୋଜନା କରିଛନ୍ତି। ସେ ୨୦୧୮ରେ ଟେକ୍‌ନୋଲୋଜି ରିୟୁଜ୍ ଏନ୍‌ଭାଇରନମେଣ୍ଟ ଏମ୍ପାୱାରମେଣ୍ଟ ଇନୋଭେଶନ (ଟିଆର୍‌ଇଇଆଇ) ଫାଉଣ୍ଡେଶନ ଗଠନକରି ତା' ମାଧ୍ୟମରେ ମିଶନ ଊର୍ଜା ଆରମ୍ଭକରି ଦେଶର ବିଭିନ୍ନ ଗାଁକୁ ଆଲୋକିତ କରିବାରେ ଲାଗିଛନ୍ତି। ଏହି କ୍ରମରେ ଚଳିତ ବର୍ଷ ସେ ମୁଲସି ବ୍ଲକ୍‌ର ଆଦିବାସୀ ବହୁଳ ୭ଟି ଗାଁର ୫୦୦ରୁ ଊର୍ଦ୍ଧ୍ୱ ଘରେ ସୌର ବିଦ୍ୟୁତ୍ ପହଞ୍ଚାଇବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ କରିଛନ୍ତି। ଅନୁଦାନ ଅର୍ଥରେ ସେ ଏହାକୁ ଆଗେଇ ନେଉଛନ୍ତି। ତନ୍‌ବୀର ପ୍ରତି ଘରେ ସୋଲାର ପ୍ୟାନେଲ ଓ ଲିଥିୟମ ବ୍ୟାଟେରି ଲଗାଉଛନ୍ତି। ବିଦ୍ୟୁତ୍ ମାଧ୍ୟମରେ ୩୫ ୱାଟ୍‌ର ଲିଡ୍ ବଲ୍‌ବ ଜଳିବ। ଫଳରେ ପିଲାମାନେ ଆଲୋକରେ ପଢ଼ିବାର ସୁଯୋଗ ପାଇବେ ଏବଂ ବିଦ୍ୟୁତ୍ ପାଇଁ ଚାହିଁ ରହିଥିବା ଏହି ଗାଁଗୁଡ଼ିକର ଅଧିବାସୀଙ୍କ ପ୍ରତୀକ୍ଷାର ଅନ୍ତ ଘଟିବ।

## ୫୦ ବର୍ଷ ତଳର ଧରିତ୍ରୀ

**୧୪ ଅକ୍ଟୋବର ୧୯୭୬**

- ଜାତୀୟ ଉନ୍ନୟନ ପରିଷଦ ଦ୍ୱାରା ଅନୁମୋଦିତ ହୋଇସାରିଥିବା ପଞ୍ଚମ ପଞ୍ଚବାର୍ଷିକ ଯୋଜନାର ଚୂଡ଼ାନ୍ତ ଦଲିଲ ପ୍ରକାଶ ପାଇଛି।
- ଗ୍ରାମ୍ୟ ବିଦ୍ୟୁତ୍‌କରଣ ଉଦ୍ୟୋଗରେ ଆନ୍ତର୍ଜାତିକ ଉନ୍ନୟନ ପାଣ୍ଠିରୁ ଋଣ ପାଇବା ପାଇଁ ୧୧ଟି ବିଦ୍ୟୁତ ବୋର୍ଡ ଯୋଗ୍ୟ ବିବେଚିତ।
- ଭାରତ ଇରାନରୁ ୩.୫ ନିୟୁତ ଟନ ଅଶୋଧିତ ତେଲ ଆମଦାନୀ ନେଇ ଭାରତୀୟ ତେଲ କର୍ପୋରେଶନ ଓ ଇରାନ ତେଲ କମ୍ପାନୀ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ସର୍ବସମ୍ମତ ପନ୍ଥା ଜରୁରୀ

ମହାଶୟ,

ମଣିପୁରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହୁ ଆକାଂକ୍ଷିତ ଗସ୍ତ ବିଳମ୍ବିତ ହେଲେ ବି ସଂଘର୍ଷରତ ଦୁଇ ସମ୍ପ୍ରଦାୟ ମେଇତି ଓ କୁକି ମଧ୍ୟରେ ନୂତନ ଉତ୍ସାହ ଓ ଉଦ୍ଦିପନା ସୃଷ୍ଟି କରିବାରେ ସହାୟକ ହେବା ଆଶା କରାଯାଏ। ଏହି ରାଜ୍ୟରେ ଶାନ୍ତି ବ୍ୟାହତ ହେବା ସହ ଶାସନ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିଲା। ଫଳରେ କେନ୍ଦ୍ର ସରକାର ଗଲା ଫେବୃଆରୀ ମାସରେ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ବାଧ୍ୟ ହୋଇଥିଲେ। ତେବେ ମେଇତି ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ଆଲୋଚନା ଶାନ୍ତି ପ୍ରତିଷ୍ଠା ଦିଗରେ ସମୟୋଚିତ ବୋଲି କୁହାଯାଇପାରିବ। ତଥାପି ମେଇତିବହୁଳ ଉପତ୍ୟକା ଓ କୁକି-ଜୋ ବହୁଳ ପାର୍ବତ୍ୟାଞ୍ଚଳ ମଧ୍ୟରେ ସେତୁ ବନ୍ଧନ ସହଜ ନୁହେଁ। କାରଣ ରାଜ୍ୟର ବିଭାଜନକୁ ମେଇତି ସଂଗଠନ ଦୃଢ଼ ବିରୋଧ କରୁଥିବା କୁକି ସ୍ୱତନ୍ତ୍ର ପାର୍ବତ୍ୟାଞ୍ଚଳ ଶାସନ ଗଠନ ଦାବିରେ ଅଟଳ ରହିଛି। ଦୁଇ ସମ୍ପ୍ରଦାୟ ମଧ୍ୟରେ ଥିବା ସିଭିଲ ସୋସାଇଟି ଏବଂ ସଶସ୍ତ୍ର ଗୋଷ୍ଠୀଙ୍କର ମତାମତ ମଧ୍ୟ ଭିନ୍ନଭିନ୍ନ। ଏକ ଛକାପଞ୍ଝା ପରିସ୍ଥିତିରେ ମଣିପୁରର ବିକାଶ ଅସମ୍ଭବ। ଏଣୁ ମଣିପୁରରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଲାଗି ଏକ ବ୍ୟାପକ ସର୍ବସେମ୍ମତ ପନ୍ଥା ପାଇଁ ଉଦ୍ୟମ କରାଯିବା ଆବଶ୍ୟକ।

**–ସୌଭାଗ୍ୟ ରଞ୍ଜନ ମହାନ୍ତି, ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**

### ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି

ମହାଶୟ,

ଓଡ଼ିଶା ପୋଲିସର ୨୦୨୪ ଏସ୍‌ଆଇ ପରୀକ୍ଷା ସ୍ଥଗିତ ହୋଇଛି। ବିଶାଖାପାଟଣା ଯାଉଥିବା ୧୧୪ ଆଶାୟୀଙ୍କୁ ଠାବକରି ପରୀକ୍ଷା ଜାଲିଆତି ଉଦ୍ୟମ ପଣ୍ଡ କରାଯିବା ସମ୍ବାଦ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଆଶ୍ୱସ୍ତିଜନକ ବୋଲି କୁହାଯାଇ ନ ପାରେ। ଅର୍ଥ ବଦଳରେ ଚାକିରି ପ୍ରାପ୍ତ ବ୍ୟକ୍ତି କର୍ମକ୍ଷେତ୍ରରେ ସମରୂପ ସୁଯୋଗ ଖୋଜି ବସିବା ଓ ଭିଜିଲାନ୍ସ ରେଡ୍ ସମ୍ମୁଖୀନ ହେବା ସମ୍ବାଦ ମଧ୍ୟ ଗତାନୁଗତିକ ହୋଇଗଲାଣି। ପୋଲିସ ବୃତ୍ତି ନିମନ୍ତେ ଉଭୟ ଶାରୀରିକ ଓ ମାନସିକ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇଥିବା ସ୍ଥଳେ ଅର୍ଥର ପ୍ରଭାବ ଅନର୍ଥର କାରଣ ହୋଇପାରେ। ଦଲାଲମାନଙ୍କ କଥାରେ ନ ଯିବା ଏବଂ ଅସାଧୁ ଉପାୟରେ ଅବଲମ୍ବନ ନ କରିବାର ଚେତାବନୀ ମୂଳକ ନୋଟିସ୍ ଗଣମାଧ୍ୟମରେ ଦେଇ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ତାଙ୍କ କାମ ସାରିଦିଅନ୍ତି। ଏବେ ପୋଲିସ ମଧ୍ୟ ଆଉଟ୍‌ସୋର୍ସିଙ୍ଗ ନିଯୁକ୍ତି କବଳିତ ତେଣୁ ଦୁର୍ନୀତି ଅବଶ୍ୟମ୍ଭାବୀ।

**–ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମପୁର**

## ଚିରନ୍ତନୀ

ଚାହିଁ ରହେ ଚିର ତୁମରି ଗତିର
ଗୀତି-ପଥ ଅନୁସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ଡେରାବିଶ: ଅନୁଆପଡ଼ା ଛକ।


ତୁଳସୀ ବଜାର


ପ୍ରଭୁବଜାର ଚାନ୍ଦୋଳ


ଥାନପତି ଫାଣ୍ଡିବଜାର, ଚାନ୍ଦୋଳ

# ବାଜା, ବାଣ, ରୋଶଣିରେ ଦୁଲୁକିଲା ସହର

## କେନ୍ଦ୍ରାପଡ଼ା ଗଣପର୍ବ ଗଜଲକ୍ଷ୍ମୀଙ୍କ ମେଳଣ

କେନ୍ଦ୍ରାପଡ଼ା, ୧୩।୧୦ (ଜଗନ୍ନାଥ ଧଳ):

କେନ୍ଦ୍ରାପଡ଼ା ସହରରେ ମା’ ଗଜଲକ୍ଷ୍ମୀଙ୍କ ମେଳଣ ପର୍ବ ସୋମବାର ସକାଳଠାରୁ ଆରମ୍ଭ ହୋଇଛି। ଏଥିପାଇଁ ସହର ଉତ୍ସବମୁଖର ହୋଇ ଉଠିଛି। ସକାଳୁ ପ୍ରତ୍ୟେକ ସ୍ଥାନରେ ଡିଜେ, ଲୋକବାଦ୍ୟର ତାଳେତାଳେ ଶ୍ରଦ୍ଧାଳୁ ଝୁମିବାର ଲାଗିଥିବା ଦେଖିବାକୁ ମିଳିଛି। ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭକରି ଗଳିକନ୍ଦି ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ରହିଛି। ଅପରପକ୍ଷରେ ମା’ ଧନଦାତ୍ରୀ ସହର ପରିକ୍ରମା କରିବା ସମୟରେ ବିଭିନ୍ନ ସ୍ଥାନରେ ଅଟକି ଶ୍ରଦ୍ଧାଳୁଙ୍କ ନୈବେଦ୍ୟ ଗ୍ରହଣ କରିଛନ୍ତି। ଏଥିପାଇଁ ସହର ମଧ୍ୟରେ କେତେଜଣଙ୍କ ଘର ଦୁଆର ମୁହଁରେ ସୁନ୍ଦର ଝୋଟିଚିତା ଅଙ୍କନ କରାଯାଇଛି। ସେହିପରି କଦଳୀ ଗଛ, ପୂର୍ଣ୍ଣକୁମ୍ଭର ସାଜସଜ୍ଜା ହୋଇଛି। ମହିଳାମାନେ ହାତରେ ଭୋଗ ଡାଲା ଧରି ମା’ଙ୍କୁ ଅପେକ୍ଷାକରି ପୂଜାର୍ଚ୍ଚନା କରିଛନ୍ତି। ଏହି ଦୃଶ୍ୟ ସକାଳ ୮ରୁ ଦେଖିବାକୁ ମିଳିଛି। ଅପରପକ୍ଷରେ ପୁରୁଣା ବସ୍‌ଷ୍ଟାଣ୍ଡରେ ୪୬ଟି ମୃଣ୍ମୟ ମୂର୍ତ୍ତି ଏକାଠି ହୋଇଥିବା ବେଳେ ସନ୍ଧ୍ୟାଠାରୁ ମେଳଣ ପର୍ବ ଆରମ୍ଭ ହୋଇଛି। ଜିଲାର ଗଣପର୍ବ ଭାବେ ପରିଚିତ


କେନ୍ଦ୍ରାପଡ଼ା: ସୁନାଇଲୋରେ ଶ୍ରଦ୍ଧାଳୁମାନେ ମା’ଙ୍କୁ ଅପେକ୍ଷା କରିଛନ୍ତି।

ଏହି ପୂଜା ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିଲା। ମା’ଙ୍କ ଆସ୍ଥାନ ବିସର୍ଜନ ବିଧି ରବିବାର ନିଶାର୍ଦ୍ଧରେ ସମ୍ପନ୍ନ ହୋଇଥିଲା। ହୋମଯଜ୍ଞ, ଆଳତି ଓ ମନ୍ତ୍ରଧ୍ୱନି ଶ୍ରଦ୍ଧାଳୁଙ୍କୁ ବେଶ୍ କିଛି ସମୟ ପୂଜାମଣ୍ଡପରେ ଅଟକାଇ ରଖିଥିଲା। ପରମ୍ପରା ଅନୁଯାୟୀ, ମେଳଣରେ ଯୋଗଦେବାକୁ ସାଇଭାଇଙ୍କୁ ଡାକିବା ପାଇଁ କମିଟି ପକ୍ଷରୁ ଭୋର ୫ଟାରେ ପ୍ରତ୍ୟେକ ଘର ଦୁଆର ମୁହଁରେ ଘଣ୍ଟ ଓ ଢୋଲ ବାଦ୍ୟ ବାଜିଥିଲା। ପରେ ମେଢ଼ ଉଠା ଓ ଭୋଗ ଲାଗି ପାଇଁ ମା’ଙ୍କର ନଗର ପରିକ୍ରମା କରାଯାଇଥିଲା। ସହର ସମେତ ଆଖପାଖ ଅଞ୍ଚଳର ୮୦ରୁ ଊର୍ଦ୍ଧ୍ୱ ମେଢ଼ ଏହି ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ବିଭିନ୍ନ ସାହି, କମିଟି ପକ୍ଷରୁ ରାଜ୍ୟ ଓ ବାହାର ରାଜ୍ୟରୁ ଆସିଥିବା ବ୍ୟାଣ୍ଡପାଟି, ଦୁଲ୍‌ଦୁଲି ବାଜା, ଷଣ୍ଢନାଚ ଆଦିରେ ସହର ଦୁଲୁକି ଉଠିଥିଲା। ସହରର ପୁରୁଣା ବସ୍‌ଷ୍ଟାଣ୍ଡ, ଖଡ଼ିଅଙ୍ଗ, କେଶପୁର, ଟାଉନ ବଳରାମପୁର, ମଢ଼ିଆଳ, ବଳଗଣ୍ଡି, ନସଡିପୁର, ସାନମଙ୍ଗଳା, ନୂଆ ବସ୍‌ଷ୍ଟାଣ୍ଡ, କାକଟମଙ୍ଗଳା, ବଡ଼ହାଟ, ମହିପାଳ ଆଦି ମେଢ଼ ନିଜର ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ଆସୁଥିବା ଦୃଶ୍ୟ ମନକୁ ଛୁଇଁଥିଲା। ପୂର୍ବରୁ ଜିଲା ଓ ପୋଲିସ ପ୍ରଶାସନ ସହ ପୂଜା କମିଟିର ନିଷ୍ପତ୍ତି ଅନୁଯାୟୀ, ଲଟେରି ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ ମେଢ଼ଗୁଡ଼ିକ ବସାଇ ଭୋଗ ଲାଗି ବ୍ୟବସ୍ଥା ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ ସହର ଅଞ୍ଚଳକୁ ୫ଟି ଭାଗରେ ବିଭକ୍ତ କରାଯାଇ ୫ଟି ଅସ୍ଥାୟୀ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେହିପରି ଜିଲାପାଳ ରଘୁରାମ ଆର୍. ଆୟାର, ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଏଏସ୍‌ପି ସୁଧାକର ସାହୁ, ଉପଜିଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୂଜାମଣ୍ଡପ ଓ ମେଳଣ ପଡ଼ିଆରେ ଉପସ୍ଥିତ ରହିଛନ୍ତି। ସୂଚନାଯୋଗ୍ୟ, ଏହି ମେଳଣ ମଙ୍ଗଳବାର ପ୍ରତ୍ୟୁଷରେ ଶେଷହେବାକୁ ଥିବାବେଳେ ଭୋଗ ଲାଗି ପରେ ଭସାଣି ଉତ୍ସବ ଆରମ୍ଭ ହେବ।


ଗଜଲକ୍ଷ୍ମୀ ମେଳଣ ଅଭିମୁଖେ ମା’।


ମା’ଙ୍କ ନିକଟରେ ଶ୍ରଦ୍ଧାଳୁ।


ମେଳଣ ଶୋଭାଯାତ୍ରାରେ ପାରମ୍ପରିକ ଦୁଲୁଦୁଲି ବାଦ୍ୟ ।




ମେଳଣରେ ବିଭିନ୍ନ ବେଶରେ ନୃତ୍ୟ ପ୍ରଦର୍ଶନ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଜଗଦୀଶ


@ ରେବତୀ


@ ଶିରୀ


@ ଜୟଦେବ


@ ସୁଭଦ୍ରା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାର୍ ଧକ୍କାରେ ସାଇକେଲ ଆରୋହୀ ମୃତ

ରଘୁନାଥପୁର,୧୩।୧୦(ରାଜେନ୍ଦ୍ର ନାରାୟଣ ସିଂହ):

ରଘୁନାଥପୁର ଥାନା କଟକ-ପାରାଦୀପ ରାସ୍ତାର ଗୋକୁଳପୁର ଗହନିଗଡା ନିକଟରେ ଏକ କାର୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ବଳରାମପୁରର ସୁମନ୍ତ ଗ୍ରହାଚାର୍ଯ୍ୟ (୫୫)। ସେ ଏହି ଥାନା ଅନ୍ତର୍ଗତ ଗୋକୁଳପୁର ଗ୍ରାମରେ ଦୀର୍ଘଦିନ ହେବ ଭଡାରେ ରହିଆସୁଥିଲେ। ଏ ସମ୍ପର୍କରେ ମୃତ ସୁମନ୍ତଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ .୨୨୧/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଏଥିସହ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରି ଚାଳକଙ୍କୁ ଥାନାରେ ଅଟକ ରଖିଛି।

ସବୁଦିନ ପରି ସୁମନ୍ତ ସାଇକେଲରେ ତାରପୁର ବାଇପାସ୍‌ସ୍ଥିତ ନିଜ ଚଷମା ଦୋକାନକୁ ଯାଉଥିବାବେଳେ କଟକପଟୁ ଆସୁଥିବା କାରଟି ତାଙ୍କୁ ସମ୍ମୁଖରୁ ଧକ୍କାଦେଇ କିଛି ବାଟ ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ଫଳରେ ସୁମନ୍ତଙ୍କ ମୁଣ୍ଡ ପଛଭାଗ ରାସ୍ତାରେ ପିଟିହୋଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୁମନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଏଏସ୍‌ଆଇ ଅଯୋଧ୍ୟା ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି

ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ପଠାଇଛନ୍ତି। ବ୍ୟବଚ୍ଛେଦ ପରେ ସୁମନ୍ତଙ୍କ ମୃତଦେହକୁ ନିଜ ଜନ୍ମମାଟି ବଳରାମପୁର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ଓମ୍‌ପ୍ରକାଶ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଦୁର୍ଘଟଣା ଘଟିଥିବା ସ୍ଥାନଟି ଏକ ବାଙ୍କ ହୋଇଥିବାବେଳେ ଏଠାରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ଜନଜୀବନ ହାନି ହେଉଛି।

# ୫୦ବର୍ଷ ପୂର୍ତ୍ତି ପାଳିବ ନାରାୟଣ ଛକ ପୂଜା କମିଟି

## ଯାଜପୁର ଗଣପର୍ବ ମା’ ଶ୍ୟାମାକାଳୀ ପୂଜା

ଯାଜପୁର ଟାଉନ,୧୩।୧୦
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଗଣପର୍ବ ମା’ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ ପୂଜାକୁ ଆଉ ୭ ଦିନ ବାକିଥିବା ବେଳେ ସହର ଚଳଚଞ୍ଚଳ ହୋଇ ଉଠିଛି। ୪୬ ପୂଜା ମଣ୍ଡପରେ ମା’ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ ପୂଜା ପାଇବାକୁ ଥିବାବେଳେ ସମସ୍ତ ମଣ୍ଡପ ମଧ୍ୟରେ ଏବେଠାରୁ ପ୍ରତିଯୋଗିତା ଲାଗିଛି। କେଉଁ ମେଢ଼ ସର୍ବଶ୍ରେଷ୍ଠ ସୁନ୍ଦର ହୋଇପାରିବ, ସେଥିପାଇଁ ସାହି ଲୋକ, ସ୍ଥାନୀୟ ବଜାର କମିଟି ଓ ଯୁବଗୋଷ୍ଠୀ ଚେଷ୍ଟା ଚଳାଇଛନ୍ତି। ଯାଜପୁର ସହରରେ ଚଳିତବର୍ଷ ପୌର ପରିଷଦ ପକ୍ଷରୁ କୁସୁମାଠାରେ ମୀନା ବଜାର ଅନୁଷ୍ଠିତ


ନାରାୟଣ ଛକ ପୂଜା କମିଟି ମା’ ଶ୍ୟାମାକାଳୀ ପୂଜା ପାଇଁ ତୋରଣ ଓ ମୂର୍ତ୍ତି ନିର୍ମାଣ ଚାଲିଛି।

ହେବାକୁ ଥିବାବେଳେ ଅନ୍ୟ ସ୍ଥାନରେ ମଧ ଛୋଟ ବଡ଼ ଉଠାଦୋକାନୀ ଏବେଠାରୁ ଜାଗା ଖୋଜିଲେଣି। ସହରରେ ପୂଜା ପାଇଁ ତୋରଣ କାମ ଚାଲିଛି। ମଣ୍ଡପରେ ମା’ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ପ୍ରତିମା ନିର୍ମାଣ କାର୍ଯ୍ୟ ଜୋରଦାର ଚାଲିଛି। ମୂର୍ତ୍ତିକାରିଗର ଦିନରାତି ଏକ କରି ଗଢ଼ିବାରେ ବ୍ୟସ୍ତ ରହିଛନ୍ତି। ଯାଜପୁରର ଏହି କାଳୀପୂଜା ବହୁ ପ୍ରାଚୀନ। କେତେଗୋଟି ମଣ୍ଡପ ୪୦ରୁ ୫୦ବର୍ଷ ମଧ୍ୟରେ ପୂଜା କରି ଆସୁଛନ୍ତି।

ଯାଜପୁରର ନାରାୟଣ ଛକ ପୂଜା କମିଟି ଏଥର ୫୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛି। ୧୯୭୫ରେ ଯାଜପୁରର ନେତା ଅଶୋକ ଦାସ ‘ମିଶା’ରେ ଗିରଫ ହେବା ବେଳେ ସ୍ଥାନୀୟ ଯୁବନେତାମାନେ ପ୍ରଥମଥର କରି ନାରାୟଣ ଛକଠାରେ ଶ୍ୟାମାକାଳୀ ପୂଜା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ୧୯୭୬ରେ ଦୁର୍ଗା


ସଭାପତି କର୍ଣ୍ଣାଟକେଶରୀ ଦାସ

ସିନେମା ହଲ୍‌କୁ ଲାଗି ଗୋଟିଏ ଖୋଲା ମଣ୍ଡପରେ ପୂଜା କରାଯାଉଥିଲା। ଏଠାରେ ମୁଖ୍ୟତଃ ଦକ୍ଷିଣେଶ୍ୱର କାଳୀଙ୍କ ମନ୍ତ୍ରରେ ପୂଜା କରାଯାଉଥିବାବେଳେ ରାମକୃଷ୍ଣ ପରମହଂସ ଓ ମା’ ଶାରଦା ଦେବୀଙ୍କୁ ପୂଜା କରାଯାଇଥାଏ। ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଥିବା ବେଳେ ମଣ୍ଡପଟିକୁ କୋଲକାତାର ଦକ୍ଷିଣେଶ୍ୱର କାଳୀ ମନ୍ଦିର ଭଳି ନିର୍ମାଣ କରାଯାଉଛି। ଚଳିତବର୍ଷ ପୂଜା ପାଇଁ ତୋରଣ ନ କରାଯାଇ ଆଲୋକ ଓ ଫୁଲ ସାଜସଜ୍ଜା କରାଯିବାର ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଏହି ମଣ୍ଡପର ମୂର୍ତ୍ତି ଏବଂ ସାଜସଜ୍ଜାକୁ ଦେଖିବା ପାଇଁ ଜିଲା ତଥା ଜିଲା ବାହାରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ୧୯୭୬ ମସିହାଠାରୁ ଯାଜପୁର ସହରରେ ୨୫ରୁ ୩୦ଟି ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ ପୂଜା ପାଇବାକୁ ଲାଗିଥିଲେ। ଧୀରେ ଧୀରେ ଏହି ପୂଜା ଯାଜପୁରର ଗଣପର୍ବ ଭାବେ ରାଜ୍ୟରେ ପରିଗଣିତ ହେବାକୁ ଲାଗିଛି। ନାରାୟଣ ଛକ ପୂଜା କମିଟି ସଭାପତି କର୍ଣ୍ଣାଟ କେଶରୀ ଦାସଙ୍କ କହିବାନୁଯାୟୀ ଚଳିତବର୍ଷ ୬୦ରୁ ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୂଜା କାର୍ଯ୍ୟ କରାଯିବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ମେଲୋଡି କରାଯିବାର ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି।

# ଛେନା ଦେଉନାହାନ୍ତି ଛେନାଖଞ୍ଜା ସେବାସୀ

## ଲଡୁବାବାଙ୍କ ନିଃସଙ୍ଖୁଡ଼ି ଭୋଗରେ ବିଭ୍ରାଟ

- ୨୫ ମାଣରୁ ଊର୍ଦ୍ଧ୍ୱ ଜମି କରୁଛନ୍ତି ଭୋଗ ଦଖଲ
- ଜମି ଉଚ୍ଛେଦ ପାଇଁ ନୋଟିସ ଦେବାକୁ ନିଷ୍ପତ୍ତି

ନୟାଗଡ଼,୧୩।୧୦(ଲୋକନାଥ ମିଶ୍ର)

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ଛେନାଖଞ୍ଜା ସେବାସୀମାନେ ଯୋଗାଉ ନ ଥିବାରୁ ଲଡୁବାବାଙ୍କ ନିଃସଙ୍ଖୁଡ଼ି ଭୋଗ ପ୍ରସ୍ତୁତିରେ ବିଶୃଙ୍ଖଳା ଦେଖାଦେଲାଣି। ତେବେ ସେବା ନ ଦେଇ ନୟାଗଡ଼ ବ୍ଲକ୍ ମାଛିପଡ଼ା ଗାଁ ସେବାସୀମାନେ ୨୫ ମାଣରୁ ଊର୍ଦ୍ଧ୍ୱ ମୂଲ୍ୟବାନ୍ ଜମି ଭୋଗ ଦଖଲ କରି ଆସୁଛନ୍ତି। ବାରମ୍ବାର ସେବାସୀମାନଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏଭଳି ସ୍ଥଳେ ରାଜାରାଜୁଡ଼ା ଅମଳର ଖଞ୍ଜା ଜମିକୁ ଉଚ୍ଛେଦ କରିବାକୁ ଦେବୋତ୍ତର ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।

ପ୍ରାପ୍ତ ସୂଚନା ଅନୁସାରେ ଲଡୁବାବାଙ୍କର ନୟାଗଡ଼ ବ୍ଲକ୍ ନଡ଼ିଆଳି ମୌଜାରେ ୨୫ ମାଣରୁ ଊର୍ଦ୍ଧ୍ୱ ମୂଲ୍ୟବାନ୍ ଜମି ରହିଛି। ସମ୍ପୃକ୍ତ ଜମିକୁ ମାଛିପଡ଼ାର କେତେଜଣ ସେବାସୀ ଲଡୁବାବାଙ୍କୁ ଛେନା ଯୋଗାଇବାକୁ ଏହାକୁ ଭୋଗ ଦଖଲକରି ଆସୁଛନ୍ତି। ରାଜାରାଜୁଡ଼ା ଅମଳରୁ ଛେନା ପାଇଁ ସେବାସୀଙ୍କୁ ଜମି ଖଞ୍ଜାଯାଇଛି। ୬ଟି ପରିବାରରୁ ଏବେ ୧୫ ରୁ ଊର୍ଦ୍ଧ୍ୱ ପରିବାର ଜମି ଭୋଗ ଦଖଲ କରୁଛନ୍ତି। ମାଛିପଡ଼ାର ସେବାସୀମାନେ ଛେନା ଦେବାପରେ ଗଜା ଓ କଦମ୍ବା ପରି ନିଃସଙ୍ଖୁଡ଼ି ଭୋଗ ପ୍ରତିଦିନ କରାଯାଇ ଲଡୁବାବାଙ୍କୁ ଲାଗି ହୋଇଥାଏ। ପ୍ରାୟ ୫ ବର୍ଷ ହେଲା ଛେନା ଆସୁ ନ ଥିବାରୁ ବାହାରୁ କିଣି ଭୋଗ ପ୍ରସ୍ତୁତ କରାଯାଉଛି। ବାହାରୁ ଛେନା କିଣିବା ପରେ ଲଡୁବାବାଙ୍କ ଭୋଗରେ ଏକ ପ୍ରକାରର ବିଭ୍ରାଟ ଦେଖାଦେଇଛି। ଏ ନେଇ ନୟାଗଡ଼ର ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ କୁହନ୍ତି, ଲଡୁବାବା ପ୍ରସିଦ୍ଧ ଠାକୁର। ତାଙ୍କ ଖଞ୍ଜା ଜମି ଉପଭୋଗ କରି ଛେନା ନ ଯୋଗାଇବା ଭଲ କଥା ନୁହେଁ। ଯଦି ସେବା କରିବାର ନାହିଁ ତେବେ ଜମି ଫେରାଇ ଦେବାର ଆବଶ୍ୟକତା ରହିଛି। ଦେବୋତ୍ତର ବିଭାଗ ଜମି ଉଚ୍ଛେଦକଲେ ଭଲ ପରମ୍ପରା ସୃଷ୍ଟି ହେବନାହିଁ। ଠାକୁରଙ୍କ ଭୋଗ ପାଇଁ ପୂର୍ବ ପରି ଛେନା ଯୋଗାଇବା ଦରକାର ବୋଲି କହିଛନ୍ତି।

ବିଶିଷ୍ଟ ପାଲାଗାୟକ ମନୋଜ ମିଶ୍ର କୁହନ୍ତି, ଲଡୁବାବାଙ୍କ ଖଞ୍ଜା ଜମି ଉପଭୋଗ କରି ଛେନା ନ ଦେବା ଭଲ ପରମ୍ପରା ସୃଷ୍ଟି କରୁନାହିଁ। ଠାକୁରଙ୍କ ନିଃସଙ୍ଖୁଡ଼ି ଭୋଗ କିପରି ହେବ ସେଥିପ୍ରତି ସେବାସୀ ନିଜ ଭିତରେ ଆଲୋଚନାକରି ପୁଣି ପୂର୍ବବତ ଛେନା ପାଳି କରି ଯୋଗାଇବା ଦରକାର। ଠାକୁରଙ୍କୁ ନ ଦେଇ ଠାକୁର ସମ୍ପତ୍ତି ଉପଭୋଗ କରିବା ଠିକ ନୁହେଁ ବୋଲି କହିଛନ୍ତି। ଲଡୁବାବା ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ କୁହନ୍ତି, ୫ ବର୍ଷରୁ ଊର୍ଦ୍ଧ୍ୱ ଠାକୁରଙ୍କ ଛେନା ଖଞ୍ଜା ବନ୍ଦ ହୋଇଯାଇଛି। ୧୫ରୁ ଅଧିକ ପରିବାର ମଧ୍ୟରୁ ହାତଗଣତି ୩ରୁ ୪ ପରିବାରକୁ ଛାଡିଦେଲେ ଆଉ କେହି ଛେନା ଦେଉନାହାନ୍ତି। ବାରମ୍ବାର ଅନୁରୋଧ ପରେ ବି ସୁଫଳ ମିଳୁନାହିଁ। ଏଣୁ ଛେନା ପାଇଁ ନଡ଼ିଆଳି ମୌଜାରେ ଲଡୁବାବାଙ୍କ ଜମିକୁ ସେବାସୀଙ୍କଠାରୁ ଉଚ୍ଛେଦ କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ଶେଷ ପର୍ଯ୍ୟାୟରେ ପୁଣି ସେବାସୀଙ୍କୁ ସେବା ଜାରି ରଖିବା ପାଇଁ ସୁଯୋଗ ଦିଆଯାଉଛି। ନ ହେଲେ ସରକାରୀ ନୀତିନିୟମ ଭିତ୍ତିରେ ଜମି ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

# ଲଡୁବାବା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

## କାର୍ତ୍ତିକ ପ୍ରଥମ ସୋମବାର



ଶରଣକୁଳ,୧୩।୧୦(ଦୀପକ କର)

କାର୍ତ୍ତିକ ପ୍ରଥମ ସୋମବାର ଉପଲକ୍ଷେ ଶରଣକୁଳ ଲଡୁବାବାଙ୍କ ଦର୍ଶନ ପାଇଁ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗି ରହିଥିଲା। ଜିଲା ବାହାରୁ ଆସିଥିବା ଅନେକ ଯାତ୍ରୀ ସକାଳେ ବର୍ଷାରେ ଭିଜି ଭିଜି ଧାଡିରେ ରହି ବାବାଙ୍କୁ ଦର୍ଶନ କରିଥିଲେ। କାର୍ତ୍ତିକ ପ୍ରଥମ ସୋମବାର ନୀତି ଅନୁଯାୟୀ ଭୋରରେ ବାବାଙ୍କ ଅବକାଶ ଓ ବଲ୍ଲଭ ନୀତି ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପରେ ୧୧ଟାରେ ଧୂପ ଏବଂ କାର୍ତ୍ତିକ ମାସର ଅନ୍ୟତମ ରାଇଦାମୋଦର ଭୋଗ ଲାଗି ହୋଇଥିଲା। ପରେ ଶ୍ରଦ୍ଧାଳୁ ଓ ଭକ୍ତମାନେ ଲଡୁକେଶ୍ୱରଙ୍କ ଧାଡ଼ି ଦର୍ଶନ କରିଥିଲେ। ପରେ ବେଢ଼ା ପାଇଁ ବାବା ଦକ୍ଷିଣ ଦ୍ୱାରରେ ଆଳତି ପରେ ବିମାନରେ ବିଜେ ହୋଇ ତିନି ଥର ବେଢ଼ା ପରିକ୍ରମା ସହ ପୂର୍ବଦ୍ୱାରରେ ମହନକୁ ଯାଇ ଭୋଗ ପରେ ଗର୍ଭଗୃହରେ ଅନ୍ୟାନ୍ୟ ନୀତି ଓ କ୍ଷୀରାଭିଷେକ କରାଯାଇ ଦ୍ୱିପ୍ରହର ଧୂପରେ ଦଧିଅନ୍ନ ଭୋଗ ଲାଗିହୋଇ ପହୁଡ ହୋଇଥିଲା।

ବ୍ରତଧାରୀମାନେ ପବିତ୍ର କାର୍ତ୍ତିକ ସୋମବାର ସକାଳେ କାର୍ତ୍ତିକ ସ୍ନାନ ଓ ସଂକଳ୍ପ ପୂର୍ବକ ନିଷ୍ଠାର ସହ ବ୍ରତ ପାଳନ କରି ବେଢ଼ାରେ ବାବାଙ୍କ ଦର୍ଶନ ପରେ ପ୍ରସାଦରେ ପଣାପାଣି ଆଦି ସେବନ କରିଥିଲେ। ସନ୍ଧ୍ୟାରେ କାର୍ତ୍ତିକ ମାସର ମହାନ୍ ଆକାଶ ଦୀପଦାନ କରିଥିଲେ। ସନ୍ଧ୍ୟାରେ ପ୍ରଭୁଙ୍କ ଟେରାଫିଟା ନୀତି ପରେ ଭକ୍ତ, ଶ୍ରଦ୍ଧାଳୁ ବାବାଙ୍କ ଦର୍ଶନ ସହ ଅନ୍ନଭୋଗ ସହ ରାତ୍ର ୯ଟା ପରେ ବଡ଼ସିଂହାର ଭୋଗ ପରେ ପହୁଡ଼ ହୋଇଥିଲା। ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ ବାବାଙ୍କ ସମସ୍ତ ନୀତି ଠିକ୍ ସମୟରେ ସମ୍ପନ୍ନ ହେବା ସହ ଶାନ୍ତି ଶୃଙ୍ଖଳାର ସହ ସମସ୍ତ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ଏଥିରେ ମନ୍ଦିରର ସମସ୍ତ ସେବାୟତ ସହଯୋଗ କରିଥିବା କହିଛନ୍ତି। ଶରଣକୁଳ ପୋଲିସ ପକ୍ଷରୁ ମନ୍ଦିର ଭିତରେ ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଏସ୍ପି ଅଫିସରେ ଯୋଗଦେଲେ ପଦୋନ୍ନତି ପାଇଥିବା ୧୧ ଇନ୍ସପେକ୍ଟର



ଏସ୍ପିଙ୍କ ସହ ପଦୋନ୍ନତି ପାଇଥିବା ଇନ୍ସପେକ୍ଟର ।

ନୟାଗଡ,୧୩।୧୦(ଲୋକନାଥ ମିଶ୍ର)

ନିକଟରେ ଏସ୍ଆଇ ପଦବୀରୁ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇଥିବା ନୟାଗଡ଼ ଜିଲାର ୧୧ ଇନ୍ସପେକ୍ଟର ନୟାଗଡ଼ ଏସ୍ପିଙ୍କୁ ଭେଟି ତାଙ୍କ କାର୍ଯ୍ୟାଳୟରେ ସୋମବାର ଯୋଗ ଦେଇଛନ୍ତି। ସମ୍ପୃକ୍ତ ଇନ୍ସପେକ୍ଟରଙ୍କ ଅଦଳବଦଳ ହେବ ନା ଯିଏ ଯେଉଁ ଥାନା ଓ ଫାଣ୍ଡିରେ ଅଛନ୍ତି, ସେଠାରେ କାର୍ଯ୍ୟ କରିବେ ସେନେଇ କିଛି ଜଣାପଡିନି। ଏସ୍ପିଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଇନ୍ସପେକ୍ଟରଙ୍କ ନିଯୁକ୍ତି ସମ୍ପର୍କରେ ଜଣାପଡ଼ିବ।

ପ୍ରକାଶ ଯେ, ରାଜ୍ୟରେ ନିକଟରେ ୪୨୭ ଏସ୍ଆଇଙ୍କର ପଦୋନ୍ନତି ହୋଇଥିଲା। ପଦୋନ୍ନତି ୪୨୭ ମଧ୍ୟରୁ ୧୧ ଜଣ ନୟାଗଡ଼ ଜିଲାରେ ଅଛନ୍ତି। ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଏସ୍ଆଇ ଧର୍ମେନ୍ଦ୍ର ସିଆଳ, ସୁନାଖଳା ଫାଣ୍ଡିର ପ୍ରୀତି ପ୍ରକାଶ ମହାନ୍ତି, ରଣପୁର ଥାନାର ସ୍ନେହଲତା ପ୍ରଧାନ ଓ କୃତ୍ତିବାସ ହରିଚନ୍ଦନ, ଚାନ୍ଦପୁର ଥାନାର ଶ୍ରଦ୍ଧା ନାୟକ ଓ ସଞ୍ଜୟ ପରିଡ଼ା ଏହି ତାଲିକାରେ ଅଛନ୍ତି। ସେହିପରି ଖଣ୍ଡପଡ଼ା ଥାନା ଏସ୍ଆଇ ଗୋପବନ୍ଧୁ ମଲ୍ଲିକ, ଦଶପଲ୍ଲା ଥାନାର ବିନୟ ରଞ୍ଜନ ପରିଡ଼ା, ନୂଆଗାଁ ଥାନା ମହିପୁର ଫାଣ୍ଡିର ବିରଞ୍ଚି ନାରାୟଣ ଅମାତ, ନୟାଗଡ଼ ଟାଉନ ଥାନାର ଶିବ ରଞ୍ଜନ ସିଙ୍ଗା ଓ ସନ୍ତୋଷ କୁମାର ଦାଶ ପ୍ରମୁଖ ଏସ୍ଆଇମାନେ ପଦୋନ୍ନତି ପାଇ ଇନ୍ସପେକ୍ଟର ହୋଇଛନ୍ତି ।

# ୧୩୨ ଅଭିଯୋଗ ପଞ୍ଜୀକୃତ: ୨୬ର ତତ୍କାଳ ସମାଧାନ

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଓଡ଼ଗାଁ,୧୩।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଏମ ସୁଶ୍ରୀ,ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦାସ ଏବଂ ସମସ୍ତ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ୧୩୨ ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ୧୨୦ ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୧୦ଗୋଟି ଗ୍ରାମ ସମୂହ ସମସ୍ୟା ଓ ୨ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ରହିଥିଲା।

ଶିବିରରେ ୨୬ ସମସ୍ୟାର ତତ୍କାଳ ସମାଧାନ ହୋଇଥିଲା। ଅବଶିଷ୍ଟ ମାମଲାଗୁଡିକ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା,ରାଶନ କାର୍ଡ, ସୁଭଦ୍ରା, କ୍ଷୁଦ୍ର ଜଳସେଚନ, ପୋଲିସ ଓ ଜାଗାବାଡ଼ି ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ମଶାବାରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ କେନାଲଗୁଡ଼ିକରୁ ଜବରଦଖଲ ହଟାଇବା ନିମନ୍ତେ ଗ୍ରାମବାସଙ୍କ ତରଫରୁ ଆର୍ମି ଭେଟେରାନ କୀର୍ତ୍ତନ ଜେନା ଅଭିଯୋଗ କରିଥିଲେ। ପୁଅ ଖାଇବାକୁ ଦେଉନଥିବା ନେଇ ବାପା ଜିଲାପାଳଙ୍କଠାରେ ଅଭିଯୋଗ କରିବା ସହିତ ସରକାରୀ ଯୋଜନାରୁ ବଞ୍ଚିତ ଅନେକ ହିତାଧିକାରୀ ସେମାନଙ୍କ ସମସ୍ୟା ଦୃଷ୍ଟିକୁ ଆଣିଥିଲେ। ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ,ବିଡିଓ ଜିତେନ୍ଦ୍ର କୁମାର ନାୟକ,ଅତିରିକ୍ତ ତହସିଲଦାର ଜି.ଶ୍ରୀନୁ,ଏନ୍ଏସି ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା,ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ,କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମନୋଜ କୁମାର ରାଉତ,ପାନୀୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ, ଓଡ଼ଗାଁ ବନପାଳ ସରିତା ବରାଳ, ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ, କୃଷି ଅଧିକାରୀ ପ୍ରତିଭା ପ୍ରଧାନ,ଯୋଗାଣ ଅଧିକାରୀ ମଳୟ କୁମାର ମେହେର,ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଶ୍ୱଜିତ ଯେନାଙ୍କ ସହିତ ଜିଲାର ବିଭାଗୀୟ ପଦସ୍ଥ ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣିଥିଲେ।

# ମନ୍ଦିରରେ ହବିଷିଆଳିଙ୍କ ଭିଡ଼

ଖଣ୍ଡପଡା,୧୩।୧୦
(ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ଜୀଉ. ରାଧାମୋହନ ଜୀଉ ମଠ, ସିଧାମୂଳା ଗୋକୁଳାନନ୍ଦ ଜୀଉ, ଖଣ୍ଡପଡାସ୍ଥ ଜଗନ୍ନାଥ ଜୀଉ ଓ ବିଭିନ୍ନ ଶୈବ ପୀଠମାନଙ୍କରେ ସୋମବାରରୁ କାର୍ତ୍ତିକ ବ୍ରତ ନୀତି ଆରମ୍ଭ ହୋଇଛି। ପ୍ରଥମ ସୋମବାର ଯୋଗୁ ବିଭିନ୍ନ ଶୈବ ପୀଠରେ ବ୍ରତ କରୁଥିବା ଶତାଧିକ ଶ୍ରଦ୍ଧାଳୁମାନଙ୍କ ଗହଳି ଲାଗି ରହିଥିଲା । ସକାଳୁ ଶ୍ରୀ ଜୀଉଙ୍କ ମନ୍ଦିରରେ ଶ୍ରଦ୍ଧାଳୁ ଓ ହବିଷିଆଳି ଭିଡ ଲାଗି ରହିଥିବା ଦେଖିବାକୁ ମିଳିଛି । ଏହି ଅବସରରେ ଶ୍ରୀ ଜୀଉଙ୍କ ଦାମୋଦର ବେଶ ଅନୁଷ୍ଠିତ ହେଉଛି । କାର୍ତ୍ତିକ ବ୍ରତ ସହିତ ଠାକୁରଙ୍କ ଏହି ବେଶ ୧ମାସ ପର୍ଯ୍ୟନ୍ତ ହେବ । ଶ୍ରୀ ଜୀଉଙ୍କ ଅବକାଶ ନୀତି ପରେ ଦାମୋଦର ବେଶ ହୋଇଥାନ୍ତି। ବେଶ ପରେ ମନ୍ଦିର ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ପରେ ସକାଳ ଧୂପ ଓ ଅନ୍ୟାନ୍ୟ ପାରମ୍ପରିକ ନୀତି ଅନୁଷ୍ଠିତ ହେଉଛି । ହବିଷିଆଳିମାନେ ମାସ ସାରା ବ୍ରତ ପାଳନ କରୁଥିବାରୁ ପ୍ରତି ଦିନ ସେମାନେ ନୀଳମାଧବ ଜୀଉ ଓ ବିଭିନ୍ନ ଶୈବ ପୀଠରେ ପୂଜାର୍ଚ୍ଚନା କରୁଥିବା ଲକ୍ଷ୍ୟ କରାଯାଉଛି । ଏହି ଅବସରରେ ଗୋକୁଳାନନ୍ଦ ଜୀଉଙ୍କୁ ରାଧା ଦାମୋଦର ବେଶରେ ସଜ୍ଜିତ କରାଯାଇଥିଲା।

# ମଶାବାରୀ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

## ଓଡ଼ଗାଁ ବ୍ଲକ

ଓଡ଼ଗାଁ,୧୩।୧୦ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ମଶାବାରୀ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁମହୋତ୍ସବ ସୁରଭି ୨୦୨୫ ମଶାବାରୀ ଉଚ୍ଚ ବିଦ୍ୟାଳୟ ମଶାବାରୀଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସୁରଭି କାର୍ଯ୍ୟକ୍ରମରେ କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରତିଯୋଗିମାନଙ୍କ ମଧ୍ୟରେ ମୋ ସ୍ୱପ୍ନର ଓଡ଼ିଶା ୨୦୩୬ ବିଷୟ ଭିତ୍ତିକ ଚିତ୍ରାଙ୍କନ, ଗୀତ, ଦଳଗତ ନୃତ୍ୟ, ବକ୍ତୃତା, କୁଇଜ, ତର୍କ, ସୃଜନଶୀଳ ଲିଖନ, ଶ୍ରୁତଲିଖନ, ହସ୍ତାକ୍ଷର, ପ୍ରବନ୍ଧ ଲିଖନ, ପ୍ରଧାନମନ୍ତ୍ରୀ ପୋଷଣ ଶିଳ୍ପକଳା ଓ ପୋଷଣ ଚିତ୍ରକଳା ଏହିପରି ୧୨ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଦଳଗତ ନୃତ୍ୟ ସଂଗୀତ ପ୍ରତିଯୋଗୀତା ସହିତ ସାଧନ କେନ୍ଦ୍ର ସୁରଭି ପୁରସ୍କାର



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ମହାନ୍ତି,ମୁଖ୍ୟ ବକ୍ତା ଖବରଦାତା ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରଘୁନାଥ ମଲ୍ଲିକ ପନ୍ତିଖାରୀ ପଞ୍ଚାୟତ ସମିତି ସଭ୍ୟ ବୁଲୁ ଯେନା,ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଡାକୁଆ ଯୋଗଦେଇ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରତ୍ୟେକ ପ୍ରତିଯୋଗିତାରେ କେବଳ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ କରାଯାଇଛି।

# ଗୋଷ୍ଠୀ ସହାୟିକା କର୍ମୀଙ୍କ ଗଣଧାରଣା ପ୍ରତ୍ୟାହୃତ

ନୂଆଗାଁ,୧୩।୧୦ (ଧନେଶ୍ୱର ସାହୁ)

ଶକ୍ତି ବିଭାଗ ଗୋଷ୍ଠୀ ସହାୟିକା କର୍ମୀଙ୍କର ପ୍ରୋତ୍ସାହନ ରାଶି ପରିବର୍ତ୍ତେ ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦାବିରେ ନୂଆଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗତ ମାସ ୨୨ ତାରିଖରେ ଗୋଷ୍ଠୀ ସହାୟିକା କର୍ମୀମାନଙ୍କ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ହେଲେ ଏ ଦିଗରେ କୌଣସି ସୁଫଳ ମିଳି ନ ଥିବା ବେଳେ ୨୧ ଦିନ ଧାରଣା ଦେବା ପରେ ଗୋଷ୍ଠୀ ସହାୟିକା କର୍ମୀମାନେ ସୋମବାରଠାରୁ କାର୍ଯ୍ୟରେ ଯୋଗଦେବା ନେଇ ବିଡିଓ ଡ. ଅମୃତ କୁମାର ରାଉଳଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ଏଥିସହ ଯେପର୍ଯ୍ୟନ୍ତ ସେମାନଙ୍କର ଫିକ୍ସ ଦରମାର ହାଇକୋର୍ଟଙ୍କ ରାୟ ଆସିନାହିଁ, ସେ ପର୍ଯ୍ୟନ୍ତ ଗୋଷ୍ଠୀ ସହାୟିକା କର୍ମୀମାନେ ପରଫମାନ୍ସ ବୋନସରେ ଦରମା ନେବେ ନାହିଁ ବୋଲି ଜଣାଇଛନ୍ତି।

ପ୍ରକାଶ ଯେ, ଗତ ୬ ମାସ ହେଲା ଗୋଷ୍ଠୀ ସହାୟିକା କର୍ମୀମାନେ ପୂର୍ବରୁ ପାଉଥିବା ସ୍ଥାୟୀ ଦରମା ନ ପାଇବା ସମ୍ପର୍କରେ ବାରମ୍ବାର ପ୍ରଶାସନକୁ ଜଣାଉଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହାର କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ। ତେବେ ଦରମାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଗୋଷ୍ଠୀ ସହାୟିକା କର୍ମୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଦିଆଯିବା ନେଇ ବ୍ଲକ୍ସ୍ତରୀୟ ଜିପିଏଲ୍ଏଫ୍ ସଂଘ ପକ୍ଷରୁ କୁହାଯାଇଥିଲା। ତେବେ ଦାବି ବିଷୟରେ କୌଣସି ସୁଫଳ ନ ମିଳିବାରୁ କର୍ମୀମାନଙ୍କ ଗଣଧାରଣା ପ୍ରତ୍ୟାହୃତ ହୋଇଛି।




କାର୍ଯ୍ୟରେ ଯୋଗଦେବା ପାଇଁ ବିଡିଓଙ୍କୁ ଲିଖିତ ଭାବେ ଦେଉଛନ୍ତି ।

## କାର୍ଯ୍ୟରେ ଯୋଗଦେବାକୁ ବିଡିଓଙ୍କୁ ଜଣାଇଲେ

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜଗଦୀଶ



@ ରେବତୀ



@ ଶିରୀ



@ ଜୟଦେବ



@ ସୁଭଦ୍ରା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୯ ବର୍ଷ ହେଲା ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ସରୁନାହିଁ

## ଶୋଚନୀୟ ଅବସ୍ଥାରେ ଚଣ୍ଡିଖୋଲ-ଡୁବୁରି ଜାତୀୟ ରାଜପଥ

**ଧର୍ମଶାଳା, ୧୩।୧୦ (ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲାର ଧର୍ମଶାଳା ବ୍ଲକ ଦେଇଯାଇଥିବା ଚଣ୍ଡିଖୋଲ-ଡୁବୁରି ୫୩ ନଂ. ଜାତୀୟ ରାଜପଥ ବିପର୍ଯ୍ୟସ୍ତ ଅବସ୍ଥା ହୋଇଛି। ୯ବର୍ଷ ହେବ ଏହାର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିଲେ ବି ଶେଷ ହେଉନାହିଁ। ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ଏହି ଜାତୀୟ ରାଜପଥର ଅବସ୍ଥା ସୁଧୁରୁନାହିଁ। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟିହେବା ସହ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏପଟେ ନଭେମ୍ବରରୁ ଡିସେମ୍ବର ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ଓ ଜିଲାପାଳ ଅମ୍ବର କୁମାର କର ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ପରେ ଏହି ଜାତୀୟ


ଚଣ୍ଡିଖୋଲ-ଡୁବୁରି ଜାତୀୟ ରାଜପଥର ନିର୍ମାଣ କାମ ସରି ନ ଥିବା ବେଳେ ଅନାବନା ଲତାଗଛ ଉଠିଲାଣି।

ରାଜପଥ ଉପରେ ଅନାବନା ଲତା ଗଛ ଉଠିଥିବାରୁ ସାଧାରଣ ଲୋକଙ୍କ ମନରେ ଚାଷ ଜମିର ଭ୍ରମ ସୃଷ୍ଟି ହେଉଛି।

ଯାଜପୁର ଜିଲାର ଧର୍ମଶାଳା ବ୍ଲକ୍ ଦେଇ ଯାଇଥିବା ଚଣ୍ଡିଖୋଲ-ଡୁବୁରି ୫୩ ନଂ. ଜାତୀୟ ରାଜପଥର ଏ ହେଉଛି ବାସ୍ତବ ଚିତ୍ର। ଏହି ରାସ୍ତାରେ ଗଲେ ପାଦେ ପାଦେ ବିପଦ। ସାରା ରାଜ୍ୟରେ ଏହି ରାଜପଥ ଏବେ ଦୁର୍ଘଟଣାପ୍ରବଣ ରାଜପଥ ଭାବେ ପରିଚୟ ଲାଭ କରିଛି। କାରଣ ପ୍ରତ୍ୟହ ଛୋଟ ବଡ଼ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ଘଟୁଛି। ଏଥିପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିଘା ନ ଥିବାବେଳେ ଜିଲା ପ୍ରଶାସନର ସମ୍ବେଦନଶୀଳତା ଦେଖାଉନାହାନ୍ତି। ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ସମ୍ପ୍ରସାରଣ କାର୍ଯ୍ୟ ଏଯାବତ ଶେଷ ହୋଇପାରୁନାହିଁ। ଚଣ୍ଡିଖୋଲଠାରୁ ଡୁବୁରି ପର୍ଯ୍ୟନ୍ତ ମାତ୍ର ୩୯ କିଲୋମିଟର ରାସ୍ତା ପାଇଁ ସମ୍ପ୍ରସାରଣ କାର୍ଯ୍ୟ ୯ ବର୍ଷ ବିତିଗଲାଣି। ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ପାଇଁ ସମ୍ପ୍ରସାରଣ କାର୍ଯ୍ୟ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ବର୍ଷା ସମୟରେ ଏହି ରାସ୍ତା ଦେଇ ଯିବା ଆସିବା ଅସମ୍ଭବ ହୋଇପଡୁଛି। ଅନ୍ୟ ସମୟରେ ଧୂଳିରେ ଲୋକେ ରୁନ୍ଧି ହେଉଛନ୍ତି। ଏମିତି ଏକ ସମ୍ବେଦନଶୀଳ ରାସ୍ତା ପ୍ରତି ପ୍ରଶାସନ ଆଦୌ ସଚେତନ ରହୁନାହିଁ। ବାରମ୍ବାର ସମୀକ୍ଷା ବୈଠକ ହେଉଛି, କିନ୍ତୁ ଆଲୋଚନା ଫଳପ୍ରଦ ହେଉନାହିଁ। ତେବେ ନଭେମ୍ବର ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ କହିଥିବା ବେଳେ ଏମ୍‌ପି କହିଛନ୍ତି, ଡିସେମ୍ବର ସୁଦ୍ଧା ଶେଷ ହେବ। ତୁରନ୍ତ ଏହି ରାସ୍ତାକାର୍ଯ୍ୟ ଶେଷ କରିବାକୁ ପରମାନନ୍ଦ ସାହୁ, ସଚେତନ ନାଗରିକ ମଞ୍ଚ ଆବାହକ ସରୋଜକାନ୍ତ ବେହେରା ଓ ବୁଦ୍ଧିଜୀବୀ ପଙ୍କଜ ମଲ୍ଲ ଦୃଢ଼ ଦାବି କରିଛନ୍ତି।

# ଅଗ୍ନିପଥ ସେନା ନିଯୁକ୍ତି: ଅପବ୍ୟବହାରକାରୀଙ୍କୁ ଗିରଫ ନିର୍ଦ୍ଦେଶ

**ଯାଜପୁର, ୧୩।୧୦ (ହର୍ଷବର୍ଦ୍ଧନ ବେହେରା)**

ଅଗ୍ନିପଥ ସେନା ନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥୀମାନଙ୍କୁ ସେମାନଙ୍କ ମୂଳ କାଗଜପତ୍ର କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର ନ କରିବାକୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ସେମାନେ ଜାଲିଆତି କାର୍ଯ୍ୟକଳାପରୁ ମୁକ୍ତି ପାଇପାରିବେ। ଏହାସହ ସେମାନେ ଏପରି କୌଣସି ଜାଲିଆତିର ସମ୍ମୁଖୀନ ହେଲେ ତୁରନ୍ତ ସ୍ଥାନୀୟ ପୋଲିସ ଏବଂ କଟକ ସେନା ନିଯୁକ୍ତି କାର୍ଯ୍ୟାଳୟରେ ରିପୋର୍ଟ କରିବା ଉଚିତ। ସ୍ଥାନୀୟ ପୋଲିସ ଏବଂ ସିଭିଲ ପ୍ରଶାସନ ମାଧ୍ୟମରେ ନିଯୁକ୍ତି ରାଲି ସମୟରେ ଅପବ୍ୟବହାରକାରୀଙ୍କୁ ଗିରଫ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲା ପାଇଁ ଅଗ୍ନିପଥ ଯୋଜନା ଅଧୀନରେ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପାଇଁ ସେନା ନିଯୁକ୍ତି ରାଲି ୨୨ରୁ ୨୬ ଅକ୍ଟୋବର ପର୍ଯ୍ୟନ୍ତ ଭୁବନେଶ୍ୱର ସୈନିକ ସ୍କୁଲରେ ଅନୁଷ୍ଠିତ ହେବ। ନିଯୁକ୍ତି ରାଲି ସମୟରେ ଅନ୍‌ଲାଇନ୍ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷା (ସିଇଇ)ରୁ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କୁ ଶାରୀରିକ ସୁସ୍ଥତା ଏବଂ ଡାକ୍ତରୀ ପରୀକ୍ଷା ପାଇଁ ଡକାଯାଇଛି। ପ୍ରାର୍ଥୀଙ୍କ ପ୍ରବେଶପତ୍ର ପୂର୍ବରୁ ସେମାନଙ୍କର ପଞ୍ଜୀକୃତ ଇ-ମେଲ୍ ଆଇଡିକୁ ପଠାଯାଇଛି।

# ବଡ଼ଚଣା-ବାଲିଚନ୍ଦ୍ରପୁର ରାସ୍ତାରେ ଭାରିଯାନ ଚଳାଚଳ କଟକଣା

**ଯାଜପୁର, ୧୩।୧୦ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ବଡ଼ଚଣାଠାରୁ ବାଲିଚନ୍ଦ୍ରପୁରକୁ ସଂଯୋଗ କରୁଥିବା ୧୩ କିଲୋମିଟର ରାସ୍ତାରେ ପ୍ରତିଦିନ ସହସ୍ରାଧିକ ଲୋକ ନିଜର ଅଫିସ୍ କାର୍ଯ୍ୟ, ମେଡିକାଲ ଓ ଅନ୍ୟାନ୍ୟ ଜରୁରିକାଳୀନ କାମ କରିବାକୁ ଯାତାୟାତ କରନ୍ତି। ବଡ଼ଚଣା ବ୍ଲକ କାର୍ଯ୍ୟାଳୟ, ସିଏଚ୍‌ସି, ଆରଆଇ ଅଫିସ୍, ତହସିଲ କାର୍ଯ୍ୟାଳୟ ସହ ଧାନମଣ୍ଡଳ ଓ ଚଣ୍ଡିଖୋଲ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଥିବାରୁ ଏହି ରାସ୍ତା ମଧ୍ୟରେ ଜନସାଧାରଣଙ୍କ ଗମନାଗମନ ଅଧିକ। ଭାରିଯାନ, ଟ୍ରକ ଓ ଲୋଡେଡ୍ ଯାନଗୁଡ଼ିକ ହାଇୱେ ବଦଳରେ ଏହି ରାସ୍ତା ଦ୍ୱାରା ଗତିଶୀଳ ହେଉଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସାଧାରଣ ଜନତା, ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ସାଇକେଲ ଚାଳକ ଓ ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହିକ୍ରମରେ ଯାଜପୁର ଜିଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ମୋଟର ଭେହିକିଲ୍ସ ଆଇନ ୧୯୮୮ର ଧାରା ୧୧୫, ୧୧୬, ୧୧୭ ଏବଂ ଓଡ଼ିଶା ମୋଟର ଭେହିକିଲ୍ସ ନିୟମାବଳୀ ୧୯୯୩ର ନିୟମ ୬୩ ଓ ୯୩ ଅନୁଯାୟୀ ଉକ୍ତ ରାସ୍ତା ଉପରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି। ଏହି କଟକଣା ୧।୧୦।୨୦୨୫ରୁ ୩୧।୧୦।୨୦୨୫ ଏକ ମାସ ପାଇଁ ବଳବତ୍ତର ରହିବ।

# ଶିରିଡ଼ି ସାଇଙ୍କ ସାମ୍ବତ୍ସରିକ ଉତ୍ସବ ପାଇଁ ପ୍ରସ୍ତୁତି

**ବିଞ୍ଝାରପୁର, ୧୩।୧୦ (ରାମକୃଷ୍ଣ ଦାସ):**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ରଣପୁର ପଞ୍ଚାୟତ କଣ୍ଟିପୁରସ୍ଥିତ ଶିରିଡ଼ି ସାଇ ସେବକ ମଣ୍ଡଳୀ ଦାତବ୍ୟ ସଂସ୍ଥା ପକ୍ଷରୁ ଶିରିଡ଼ି ସାଇଙ୍କ ୧୭ତମ ସାମ୍ବତ୍ସରିକ ଉତ୍ସବ ଆସନ୍ତା ନଭେମ୍ବର ୨ରେ ହେବ। ଏଥିପାଇଁ ଏବେଠାରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ଏହି ଉତ୍ସବ ଧୁମଧାମରେ ପାଳିତ ହେବା ସହ ଶିରିଡ଼ି ସାଇଙ୍କ ଉତ୍ସବ ଆସନ୍ତା ନଭେମ୍ବର ୨ରୁ ଆରମ୍ଭ ହେବା ସହ ନଭେମ୍ବର ୫ରେ ଉଦ୍‌ଯାପିତ ହେବ। ଏହି ଉତ୍ସବ ୪ଦିନ ଧରି ଚାଲିବାକୁ ଥିଲାବେଳେ ପ୍ରଥମ ଦିନରେ ଅଙ୍କୁରାରୋପଣ ଓ ଶ୍ରଦ୍ଧାଳୁଙ୍କ ସମାବେଶ ସହିତ କଳସ ଯାତ୍ରା, ମହାଯଜ୍ଞ, ସ୍ଥାନୀୟ ଅଞ୍ଚଳର ସମସ୍ତ ବିଦ୍ୟାଳୟ, କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଭା ପ୍ରତିଯୋଗିତା, ସାଇ ଅମୃତ ପତ୍ରିକାର ଉନ୍ମୋଚନ, ବ୍ୟାପକ ଚାରାରୋପଣ, ସ୍ଥାନୀୟ ସନ୍ଥ ସମ୍ମିଳନୀ, ଦେୟମୁକ୍ତ ଚକ୍ଷୁ ପରୀକ୍ଷା ଶିବିର ଭଳି ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ଶିରିଡ଼ି ସାଇ ସେବକ ମଣ୍ଡଳୀ ତଥା ଦାତବ୍ୟ ସଂସ୍ଥାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସାଇ ଆଶ୍ରିତ ସନ୍ଥ ପବିତ୍ର ମୋହନ ସାମଲ ସୂଚନା ଦେଇଛନ୍ତି।

# ୫୬ ପଞ୍ଜୀକୃତ ଅଭିଯୋଗରୁ ୧୮ର ତତ୍କାଳ ସମାଧାନ


ପ୍ରଶାସନିକ ଅଧିକାରୀ ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି।

**ଯାଜପୁରରୋଡ୍, ୧୩।୧୦ (ପବିତ୍ର ରଞ୍ଜନ ମହାନ୍ତି):**

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ବ୍ୟାସନଗରସ୍ଥିତ କେଏନ୍‌ଡିଏ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅମ୍ବର କୁମାର କର ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବା ସହ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏଥିରେ ୫୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୩୬ଟି, ଗୋଷ୍ଠୀଗତ ସମସ୍ୟା ୪, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୬ଟି ଥିଲା। ସେଥିମଧ୍ୟରୁ ୧୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଦେବୀପ୍ରସାଦ ମହାନ୍ତି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ଯାଜପୁର ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ପ୍ରଶାସନ ପକ୍ଷରୁ ଶିବିର ସମ୍ପର୍କରେ ପୂର୍ବ ସୂଚନା ମିଳୁ ନ ଥିବାରୁ ବହୁ ଅଭିଯୋଗକାରୀ ଅଭିଯୋଗ କରିବାରୁ ବଞ୍ଚିତ ରହୁଥିବା ସାଧାରଣରେ ମତ ପ୍ରକାଶ ପାଇଥିଲା।

# ସ୍କୁଟିରେ ଆସି ଛାତ୍ରୀଙ୍କଠାରୁ ମୋବାଇଲ ନେଇଗଲେ

**ପାଣିକୋଇଲି, ୧୩।୧୦ (ବିକାଶ ଚନ୍ଦ୍ର ମଲ୍ଲିକ)**

ପାଣିକୋଇଲି ଥାନା ଅଞ୍ଚଳରେ କମ୍ପ୍ୟୁଟର କ୍ଲାସ ସାରି ଘରକୁ ସାଇକେଲ ଯୋଗେ ମାଳଆନ୍ଦପୁର ପଞ୍ଚାୟତ ବାଲିପଶି ଗ୍ରାମର ଚକ୍ରଧର ଜେନାଙ୍କ ଝିଅ ଲିଜାରାଣୀ ସୋମବାର ଘରକୁ ଫେରୁଥିଲେ। ଜାତୀୟ ରାଜପଥରୁ ବାଲିପଶି ରାସ୍ତାରେ ଲିଜାରାଣୀ ସ୍କୁଲର ଅନତିଦୂରରେ ଯାଉଥିବା ବେଳେ ଜଣେ ଯୁବକ ଏକ ନମ୍ବରବିହୀନ ସ୍କୁଟିରେ ଆସି ସାଇକେଲ ଆଗରେ ଥିବା ବ୍ୟାଗକୁ ନେଇ କରଦା ଆଡ଼କୁ ପଳାଇଥିଲେ। ବ୍ୟାଗ ଭିତରେ ତାଙ୍କର ମୋବାଇଲଟି ରହିଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି।

# ଯଖପୁରା ରେଳ ଷ୍ଟେଶନରୁ ଭିନ୍ନକ୍ଷମ ଶିଶୁ ଉଦ୍ଧାର



ଭିନ୍ନକ୍ଷମ ବାଳକଙ୍କୁ ରେଳବାଇ ପୋଲିସ ହେପାଜତକୁ ନେଉଛି।

**କଳିଙ୍ଗନଗର, ୧୩।୧୦ (ଶୁଭାଶିଷ ରାଉତ)**

ଯାଜପୁର କେନ୍ଦୁଝର ରୋଡ଼ ତଥା ଯଖପୁରା ରେଳଷ୍ଟେଶନରୁ ରେଳବାଇ ପୋଲିସ ସୋମବାର ସକାଳେ ଜଣେ ଭିନ୍ନକ୍ଷମ ଶିଶୁଙ୍କୁ ଉଦ୍ଧାର କରିଛି। ଶିଶୁ ଜଣକ କଥା କହିବାକୁ ସକ୍ଷମ ହୋଇ ନ ଥିବାବେଳେ ମାନସିକ ଅନଗ୍ରସର ବୋଲି ଜଣାପଡ଼ିବାରୁ ପୋଲିସ ନିଖୋଜ ତାଲିକାରେ ଫଟୋ ଛାଡ଼ିଥିଲା। ଭୁବନେଶ୍ୱରରେ ପୁଅର ଫଟୋ ଦେଖି ପିଲାର ମାତାପିତା ଚିହ୍ନଟ କରିଥିଲେ। ସୂଚନା ମୁତାବକ, ପଶ୍ଚିମ ମେଦିନୀପୁର ଜିଲା ଡୋପରା ଥାନା ପୂଜନପାଟ ଅଞ୍ଚଳର ଅନୁପ ସିଂ ତାଙ୍କ ପୁଅ ଅରିଜିତ ସିଂ (୬)ଙ୍କୁ ଧରି ଭୁବନେଶ୍ୱରକୁ ଚିକିତ୍ସା ପାଇଁ ଆସିଥିଲେ। ରବିବାର ବିଳମ୍ବିତ ରାତିରେ ମାତାପିତା ଷ୍ଟେଶନରେ ଶୋଇଥିବା ବେଳେ ଅରିଜିତ ସେଠାରୁ କୌଣସି ରେଳଗାଡ଼ିରେ ଆସି ଯଖପୁରା ଷ୍ଟେଶନରେ ଓହ୍ଲାଇ ଥିଲେ। ସକାଳ ପ୍ରାୟ ୮ଟା ବେଳେ ଯଖପୁରା ରେଳଷ୍ଟେଶନରେ ପିଲାଟି ଏକୁଟିଆ ବସିଥିବା ଦେଖି ସ୍ଥାନୀୟ ଲୋକେ ରେଳବାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପିଲାଟିକୁ ଉଦ୍ଧାର କରିବା ସହିତ ଜିଲା ଶିଶୁ ମଙ୍ଗଳ କମିଟି ଜିମା ଦେଇଥିଲେ। ଅରିଜିତଙ୍କ ଅଭିଭାବକ ତାଙ୍କୁ ନେବାକୁ ଯାଜପୁର ଆସୁଥିବା ଜଣାପଡ଼ିଛି।

# ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ଓକିଲ ସଂଘର ଦାବି

**ଯାଜପୁରରୋଡ଼, ୧୩।୧୦ (ପବିତ୍ର ରଞ୍ଜନ ମହାନ୍ତି)**

## ଜମିଜମା କିସମ ପରିବର୍ତ୍ତନରେ କେଏନ୍‌ଡିଏର ମାତ୍ରାଧିକ ହସ୍ତକ୍ଷେପ

ଜମିଜମା କିସମ ପରିବର୍ତ୍ତନରେ ବ୍ୟାସନଗରବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେଏନ୍‌ଡିଏର ମାତ୍ରାଧିକ ହସ୍ତକ୍ଷେପକୁ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଯାଜପୁର ଜିଲାପାଳଙ୍କୁ କଳିଙ୍ଗନଗର ଓକିଲ ସଂଘ ପକ୍ଷରୁ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ପୂର୍ବରୁ ଓଏଲ୍‌ଆର (୮) କ ଆଇନ ଅନୁଯାୟୀ ଯେଉଁଭଳି କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ କିସମ ପରିବର୍ତ୍ତନ ସମୟରେ ଭାଓଲେଟ୍ ଓ ନଟ୍ ଭାଓଲେଟ ପ୍ରକ୍ରିୟାରେ ଯାଞ୍ଚ କରାଯାଉଥିଲା, ସେଭଳି କରିବାକୁ ଜିଲାପାଳଙ୍କ ମାଧ୍ୟମରେ ରାଜସ୍ୱ ବିଭାଗକୁ ଅବଗତ କରାଯାଇଛି।

ବର୍ତ୍ତମାନ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଏହାକୁ ବିଚାର କରା ନ ଯାଇ ସିଧାସଳଖ ଖାରଜ କରିବା ଦ୍ୱାରା ପ୍ରଜାମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପୂର୍ବବତ୍ ପ୍ରକ୍ରିୟା ଜାରି ରଖିବାକୁ କଳିଙ୍ଗନଗର ବାର ଆସୋସିଏଶନର ସଭାପତି ମନୀନ୍ଦ୍ର କୁମାର ଧଳ, ସମ୍ପାଦକ ନବକିଶୋର ସାହୁ, ବରିଷ୍ଠ ସଭ୍ୟ ବ୍ରଜକିଶୋର ପତି, ଉମେଶ ଚନ୍ଦ୍ର ଦାସ ଓ ଉପସଭାପତି ମହେନ୍ଦ୍ର ସାହୁ ପ୍ରମୁଖ ଜିଲାପାଳକୁ ଦାବିପତ୍ର ପ୍ରଦାନ କରିଥିଲେ। ଯାଜପୁର ଜିଲାପାଳ ଏ ନେଇ ଅତିରିକ୍ତ ଜିଲାପାଳ ରାଜସ୍ୱଙ୍କୁ ଏହାର ବିଚାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ପଞ୍ଚାୟତରେ ସଚେତନତା, ଅଭିଯୋଗ ଶୁଣାଣି ଶିବିର



ବରୀ ପଞ୍ଚାୟତ ଜନଶୁଣାଣିରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ସରପଞ୍ଚ।

**ବରୀ, ୧୩।୧୦ (ମହେନ୍ଦ୍ର ସ୍ୱାଇଁ):**

ସରକାରୀ ଯୋଜନାର ସଫଳ ରୂପାୟନ ଓ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତି ପଞ୍ଚାୟତରେ ଜନଶୁଣାଣି ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ସୋମବାର ବରୀ ବ୍ଲକ୍ ଅଧୀନ ବରୀ ପଞ୍ଚାୟତଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରୀ ବିଡିଓ ଅସିତ କୁମାର ମହାନ୍ତି ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସାଧାରଣ ଲୋକମାନଙ୍କ ନିକଟରେ କିଭଳି ଭାବେ ପହଞ୍ଚିପାରିବ ସେ କ୍ଷେତ୍ରରେ ଦାୟିତ୍ୱରେ ଥିବା ସରପଞ୍ଚ ଓ ସ୍ୱେଚ୍ଛାସେବୀମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ୧୬ଟି ଅଭିଯୋଗ ହୋଇଥିବାବେଳେ ତା'ର ତୁରନ୍ତ ସମାଧାନ କରାଯିବାକୁ ଉଦ୍ୟମ କରାଯିବ ବୋଲି ବରୀ ସରପଞ୍ଚ ସୋନାଲି ସିଂ ପ୍ରକାଶ କରିଛନ୍ତି। ଏଥିରେ ବିଡିଓ ମହାନ୍ତି, ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ, ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା, ବିଏସ୍‌ଏସ୍‌ଓ ରଞ୍ଜିତ କୁମାର ଜେନାଙ୍କ ସମେତ ବ୍ଲକ ପ୍ରଶାସନର ଅନ୍ୟ ଅଧିକାରୀମାନେ ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ।

# ଲାୟନ୍ସ କ୍ଲବ ଯାଜପୁରର ୨ୟ ଅଧିଷ୍ଠାନ ଉତ୍ସବ

**ଯାଜପୁର/ ଯାଜପୁର ସଦର ୧୩।୧୦ (ହର୍ଷବର୍ଦ୍ଧନ ବେହେରା/ସମର ବିଜୟ ଶରଣ)**

ଲାୟନ୍ସ କ୍ଲବ ଯାଜପୁରର ୨ୟ ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ମିଶନ ଶକ୍ତି ଭବନ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଲାୟନ୍ ସମର ବିଜୟ ଶରଣଙ୍କ ସଭାପିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସେକେଣ୍ଡ ଭାଇସ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ୍ ଅଶୋକ କୁମାର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଷ୍ଟ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ୍ ପ୍ରକାଶ କୁମାର ଜେନା ଯୋଗଦେଇଥିଲେ।

 କ୍ଲବର ୨୦୨୫-୨୬ ବର୍ଷ ପାଇଁ ୨ୟ ଥର ପାଇଁ ସଭାପତି ଭାବେ ଲାୟନ୍ ଶରଣଙ୍କ ସହ ନୂତନ କମିଟିର ନାମ ଘୋଷଣା କରିଥିଲେ। ସେହିପରି ସମ୍ପାଦକ ଭାବେ ଲାୟନ ଅପରାଜେୟ ପଣ୍ଡା, କୋଷାଧ୍ୟକ୍ଷ ଲାୟନ ସେକ୍ ଅବଦୁଲ ସାଜିଦ, ଉପସଭାପତି ଭାବେ ଲାୟନ ଡା. ମନୋଜ କୁମାର ସେନାପତିଙ୍କ ସହ ପୂରା ଟିମର ନାମ ଘୋଷଣା କରିଥିଲେ। କମିଟିର କାର୍ଯ୍ୟକର୍ତ୍ତା ଓ ନୂତନ ଭାବେ ଯୋଗଦେଇଥିବା ସଭ୍ୟଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆରସି ପ୍ରଭାତ ଧଳ ଓ ଯେଡସି ଭାବେ ନିରଞ୍ଜନ ଲାଲ ଗୁପ୍ତା ଯୋଗଦେଇଥିଲେ। କ୍ଲବର ସଦସ୍ୟ ପ୍ରିୟଙ୍କା ସାହାଣୀ ଓ ଚିନ୍ତାମଣି ପାଗଳ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିବା ସହ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଲାୟନ ପଣ୍ଡା ମଞ୍ଚ ପରିଚାଳନା କରିବା ସହ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ବିଶ୍ୱଶାନ୍ତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କ୍ଲବ୍‌ର ଉପସଭାପତି ଲାୟନ ଡା. ସେନାପତି କ୍ଲବର ଆଭିମୁଖ୍ୟ, ବିଚାରଧାରା ଓ କାର୍ଯ୍ୟପନ୍ଥା ବିଷୟରେ ଆଲୋକପାତ କରିଥିଲେ। କ୍ଲବର ନୂତନ ସଭ୍ୟମାନଙ୍କୁ କିଟ୍, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ କ୍ଲବ ପକ୍ଷରୁ ବରିଷ୍ଠ ଡା. କ୍ଷୀରୋଦ ଚନ୍ଦ୍ର ମହାନ୍ତି, ସହକାରୀ ସେବିକା ତୃପ୍ତିମୟୀ ପାତ୍ର ଓ ଖବରଦାତା ଦିଲୀପ ଦାସଙ୍କୁ ଅତିଥି ସମ୍ମାନିତ କରିଥିଲେ। କ୍ଲବର ସଦସ୍ୟ ଲାୟନ ଡା. ରବୀନ୍ଦ୍ର କୁମାର ନନ୍ଦ, ଲାୟନ ଡା. ସୁପ୍ରକାଶ ଶତପଥୀ, ଲାୟନ ଡା. ପ୍ରଶାନ୍ତ ବିଶ୍ୱାଳ, ଲାୟନ ଡା. ସୁଜିତ ମନୋହର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଲାୟନ୍ସ କ୍ଲବ୍ ଭଦ୍ରକ, ଭଦ୍ରକାଳୀ ଡିଭାଇନର ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଲାୟନ ଅମର କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।



ଲାୟନ୍ସ କ୍ଲବର ୨ୟ ଅଧିଷ୍ଠାନ ଉତ୍ସବରେ ମଞ୍ଚାସୀନ ଅତିଥି।

# ସମସ୍ୟା ଘେରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

**କାଏମା, ୧୩।୧୦ (ଶିବପ୍ରସାଦ ମହାନ୍ତି):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ କାଏମାଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନେକ ସମସ୍ୟା ରହିଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ହଇରାଣ ହେଉଥିବା ଅଭିଭାବକମାନେ କହିଛନ୍ତି। ୨୦୦୪ରେ ପ୍ରଥମ କରି କାଏମା ଅଞ୍ଚଳର ବ୍ରିଜ୍ ନିକଟରେ ଏହି ଶିଶୁ ବିଦ୍ୟାମନ୍ଦିର ଗଢ଼ି ଉଠିଥିଲା। ଆଜବେଷ୍ଟସ୍ ଘରେ ପିଲା ପାଠପଢ଼ା ଆରମ୍ଭ କରିଥିଲେ। ସମୟକ୍ରମେ ଉତ୍ତମ ମାନର ଶିକ୍ଷା ପ୍ରଦାନ ହେଉଥିବା କାରଣରୁ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ପରବର୍ତ୍ତୀ ସମୟରେ ସେଠାରେ ପିଲା ଜାଗା ନ ହେବାରୁ ଶିଶୁ ବିଦ୍ୟାମନ୍ଦିରର କମିଟି ନିଷ୍ପତ୍ତିକ୍ରମେ ଡିଗିରିପଡ଼ିଆ ଗାଁ ନିକଟ କେଲୁଅ ନଦୀର ପାର୍ଶ୍ୱରେ ଶିଶୁ ବିଦ୍ୟାମନ୍ଦିର ନିଜସ୍ୱ ଅର୍ଥରେ ଘର କରିବା ଆରମ୍ଭ ହୋଇଥିଲା। ବର୍ତ୍ତମାନ ପୁରୁଣା ଜାଗାରେ ଅରୁଣ, ଉଦୟ ଏବଂ ପ୍ରଭାତ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ନୂଆ ଘରେ ପ୍ରଥମଠାରୁ ଅଷ୍ଟମ ଶ୍ରେଣୀର ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। କିନ୍ତୁ ନୂଆକରି ନିର୍ମାଣ ହୋଇଥିବା ଶିଶୁ ବିଦ୍ୟାମନ୍ଦିରରେ ୫ ଶହ ୮୦ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ପ୍ରଥମ ସମସ୍ୟା ଏହା ନଦୀବନ୍ଧ ପାର୍ଶ୍ୱରେ ହୋଇଥିବାରୁ ପିଲାମାନଙ୍କୁ ବନ୍ଧରୁ ବିଦ୍ୟାଳୟକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ। ଏମିତିକି ପିଲାଙ୍କୁ ନେଇ ଆସୁଥିବା ଗାଡ଼ିଗୁଡ଼ିକ ବନ୍ଧ ଉପରେ ରହୁଛି। ସେଠାରୁ ପିଲାମାନେ ଚାଲି କି ବିଦ୍ୟାଳୟ ଯାଇଥାନ୍ତି। ସେହିପରି ବିଦ୍ୟାଳୟରେ ଏକ କୂଅ ଖୋଳାଯାଇଛି ସେହି ଖୋଲା ପାଣିକୁ ପିଲା, ଗୁରୁମାଗୁରୁଜୀମାନେ ବ୍ୟବହାର କରୁଛନ୍ତି। ଆଉ ମଧ୍ୟ ଏକ ନଳକୂପ ରହିଛି ସେଠାରୁ ଆଇରନଯୁକ୍ତ ପାଣି ବାହାରୁଛି। ଏହି ପାଣି ପିଇବା ଦ୍ୱାରା ଅନେକ ସମସ୍ୟା ଦେଖାଦେଉଛି। ଖାଲି ଏତିକି ନୁହେଁ, ବର୍ଷାଦିନେ ଶିଶୁ ବିଦ୍ୟାମନ୍ଦିର ଚାରିପଟେ ଥିବା ଖାଲଗୁଡ଼ିକରେ ପାଣି ଜମି ରହୁଛି। ଏହାଦ୍ୱାରା ଅପରିଷ୍କାର ପରିବେଶ ସହ ସରୀସୃପମାନଙ୍କ ଭୟ ରହିଥାଏ। ସେହିପରି ଖରାଦିନେ ପାଣି ମଧ୍ୟ ମିଳୁ ନ ଥିବା ଶିକ୍ଷୟିତ୍ରୀଶିକ୍ଷକ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଆଚାର୍ଯ୍ୟ ଗୀତାରାଣୀ ସ୍ୱାଇଁଙ୍କୁ ପଚାରିବାରେ ବିଦ୍ୟାମନ୍ଦିର ସମସ୍ୟା ସମ୍ପର୍କରେ ବିଧାୟକ ଏବଂ ସାଂସଦଙ୍କୁ ଅବଗତ କରାଯାଇଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇପାରିନାହିଁ। ତେଣୁ ସେ ମଧ୍ୟ ଏହାର ସମାଧାନ ନିମନ୍ତେ ନିବେଦନ କରିଛନ୍ତି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଶିଶୁ ବିଦ୍ୟାମନ୍ଦିରର ସମସ୍ୟା ଉପରେ ଦୃଷ୍ଟିଦେବା ସହ ଏହାର ସମସ୍ୟା ସମାଧାନ ଲାଗି ପିଲାମାନଙ୍କ ଅଭିଭାବକ, ବିଦ୍ୟାମନ୍ଦିର କମିଟି ଏବଂ ବୁଦ୍ଧିଜୀବୀ ନିବେଦନ କରିଛନ୍ତି।



# ପଞ୍ଜୀକରଣ ବିନା ଚାଲିଛି ଔଷଧ ଦୋକାନ: ନାହାନ୍ତି ଫାର୍ମାସିଷ୍ଟ

ପଟ୍ଟାମୁଣ୍ଡାଇ ,୧୩।୧୦ (କଳ୍ପତରୁ ନାୟକ)



ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଛତୁଫୁଟିବା ଭଳି ବେଆଇନ ଔଷଧ ଦୋକାନ ଖୋଲିଚାଲିଛି। ଯୁଆଡେ ଦେଖିଲେ ଖାଲି ଔଷଧ ଦୋକାନ ଦେଖିବାକୁ ମିଳୁଛି। ପ୍ରାୟ ୫୦ ପ୍ରତିଶତ ପାଇକାରୀ ଓ ଖୁଚୁରା ଔଷଧ ଦୋକାନ ବିନା ପଞ୍ଜୀକରଣରେ ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। କେତେଗୋଟି ଔଷଧ ଦୋକାନ ବିନା ଫାର୍ମାସିଷ୍ଟରେ ଚାଲିଥିବାବେଳେ କିଏ କଚ୍ଚାଘରେ ତ ଆଉକିଏ ଟିଣ ଘରେ ଦୋକାନ କରିଛନ୍ତି। ଯାହା ଆଇନ ସମ୍ମତ ହୋଇ ନ ଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଭେଷଜ ବିଭାଗ ନୀରବତା ଅବଲମ୍ବନ କରୁଛି। ଫଳରେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ବ୍ୟାପକ ଭାବେ ବେଆଇନ ଔଷଧ କାରବାର ବୃଦ୍ଧି ପାଉଛି। ରୋଗରୁ ଆରୋଗ୍ୟ ଲାଭ ପାଇଁ ମନୁଷ୍ୟ ସେବନ କରୁଥିବା ଔଷଧ ଗୁଣବତ୍ତା ନ ଥିବାରୁ ରୋଗ ଭଲ ହେବା ପରିବର୍ତ୍ତେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଉଛି।

ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ସରକାରୀ ନିୟମ ଅନୁଯାୟୀ ଔଷଧ ଦୋକାନ ଖୋଲିବା ପାଇଁ ଜଣେ ଫାର୍ମାସିଷ୍ଟଙ୍କ ନାଁରେ ଲାଇସେନ୍ସ ରହିବା ସହ ଦୋକାନରେ ସେ ନିଜେ ଉପସ୍ଥିତ ରହିବେ। କିନ୍ତୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଫାର୍ମାସିଷ୍ଟ ଅନ୍ୟତ୍ର ଚାକିରି କରୁଥିବା ବେଳେ ମିଛ ସତ୍ୟପାଠ ଦାଖଲ କରି ତାଙ୍କ ନାଁରେ ବ୍ୟବସାୟୀ ଚାଲିଛି। ସେହିପରି ଭେଷଜ ନିରୀକ୍ଷକଙ୍କ ପକ୍ଷରୁ ଯେପରି ଭାବେ ଯାଞ୍ଚ ହେବା କଥା ତାହା ଏଠାରେ ଆଦୌ କରାଯାଉ ନାହିଁ। ଫଳରେ କେତେଜଣ ମୁନାଫାଖୋର ବ୍ୟବସାୟୀ ନିଜର ଫାଇଦା ପାଇଁ ନିଷେଧ ଔଷଧ କାରବାର ଚଳାଇ ଆସୁଛନ୍ତି। ଫଳରେ ରୋଗୀଟି ରୋଗରୁ ମୁକ୍ତି ପାଇବାକୁ ଡାକ୍ତରଙ୍କ ଦ୍ୱାରା ପ୍ରେସ୍କ୍ରାଇବ ହୋଇଥିବା ଔଷଧ ପରିବର୍ତ୍ତେ ଅଧିକ ମୁନାଫା ଥିବା ନିଷେଧ ଔଷଧ ଯୋଗାଯାଇ ଜୀବନ ସହ ଖେଳ ଖେଳାଯାଉଛି। ଆଇନଜୀବୀ ସୌମ୍ୟରଞ୍ଜନ ଧଳ କହିଛନ୍ତି, ଜାତୀୟ ଖବର ସରବରାହ ସଂସ୍ଥା ପିଟିଆଇ ପ୍ରକାଶିତ ରିପୋର୍ଟ ମୁତାବକ ମଧ୍ୟପ୍ରଦେଶରରେ କୋଲ୍ଡ୍ରିଫ ନାମକ କଫ ସିରପ୍ ଖାଇ ୨୫ ଜଣ ଶିଶୁଙ୍କର ମୃତ୍ୟୁ ଘଟିଛି। ଏହି କଫ୍ ସିରପ୍ ସାମ୍ପଲରୁ ଭୟଙ୍କର ବିଷାକ୍ତ ଉପାଦାନ ମିଳିଥିବାରୁ ଶିଶୁମାନଙ୍କର ପାର୍ଶ୍ୱ ପ୍ରତିକ୍ରିୟା ହୋଇ ମୃତ୍ୟୁ ହୋଇଥିଲା। ମାତ୍ର ସେପରି କଫ ସିରପ୍ ପଟ୍ଟାମୁଣ୍ଡାଇରେ ବିକ୍ରି କରାଯାଉଛି ନା ନାହିଁ ତାହା ଉପରେ ଜିଲା ଭେଷଜ ବିଭାଗ ତିଳେ ମାତ୍ର ନଜର ଦେଉ ନ ଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କେତେଜଣ ଔଷଧ ଦୋକାନୀ ନିଜ ନାମ ଗୋପନ ରଖି କହିଛନ୍ତି, ଏଠାରେ ବଙ୍ଗଳା ଭାଷାଭାଷୀ ଅସାଧୁ ବ୍ୟବସାୟୀ ବିଭିନ୍ନ ନାମୀଦାମୀ କମ୍ପାନୀର ଲେଖା ଥିବା ନକଲି ଔଷଧକୁ ପଟ୍ଟାମୁଣ୍ଡାଇ ସମେତ ରାଜନଗର, ଆଳି, ମହାକାଳପଡ଼ାର ଗ୍ରାମାଞ୍ଚଳର ଦୋକାନୀମାନଙ୍କୁ ଯୋଗାଉଛନ୍ତି। ଏସବୁ ଔଷଧ ମୂଲ୍ୟ ନାମୀଦାମୀ କମ୍ପାନୀ ସହ ସମାନ ରହୁଛି। ଫଳରେ ବ୍ୟବସାୟୀଙ୍କୁ ଅଧିକ ଲାଭ ଦେଉଛି। ଅଧିକ ଫାଇଦା ଆଶାରେ ବ୍ୟବସାୟୀମାନେ ଲୋକଙ୍କୁ ଏହି ଔଷଧ ବିକ୍ରି କରୁଛନ୍ତି। ଏଭଳି ଔଷଧ ପଟ୍ଟାମୁଣ୍ଡାଇ ସହରରେ ମଧ୍ୟ ବିକ୍ରି ଆରମ୍ଭ ହେଲାଣି। କେତେଜଣ ଅଣପ୍ରଶିକ୍ଷିତ ଡାକ୍ତର ବିଭିନ୍ନ ପ୍ରକାର କ୍ଲିନିକ ଖୋଲି ଏହି ଔଷଧ ଦେଉଛନ୍ତି। ଅନ୍ୟପକ୍ଷରେ ଭେଷଜ ବିଭାଗକୁ ଯଦି ତାଙ୍କ ବିରୋଧରେ ଅଭିଯୋଗ କରାଯାଉଛି ଅସାଧୁ ଅଧିକାରୀ ସେହି ମୁନାଫାଖୋର ବେପାରୀଙ୍କୁ ଜଣାଇ ଦେଉଛନ୍ତି ଫଳରେ ଅଭିଯୋଗକାରୀ ସେମାନଙ୍କ ରୋଷର ଶିକାର ହେଉଥିବା ନଜିର ରହିଛି। ଜିଲା ଭେଷଜ ଅଧିକାରୀଙ୍କ ଏପରି କର୍ଯ୍ୟକଳାପ ପାଇଁ ବେଆଇନ ପାଇକାରୀ ଓ ଖୁଚୁରା ଔଷଧ କାରବାର ବଢ଼ିଚାଲିଛି। ବର୍ତ୍ତମାନ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୩୦୦ରୁ ଅଧିକ ଔଷଧ ଦୋକାନ ସାଙ୍ଗକୁ ହୋଲ୍‌ସେଲ ଦୋକାନ ଚାଲିଛି। ସେଥି ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ଦୋକାନ ପଞ୍ଜୀକରଣ କରିଥିବା ଭେଷଜ ବିଭାଗ ପକ୍ଷରୁ ସୂଚନା ମିଳିଛି। ମାତ୍ର ସାଧାରଣ ଲୋକେ କେଉଁ ଦୋକାନ ଉପରେ ଭରସା କରିବେ ବୋଲି ବୁଦ୍ଧିଜୀବୀ ମହଲରୁ ପ୍ରଶ୍ନ ହେଉଛି। ଏଭଳି ବେଆଇନ କାରବାର ପଛରେ ବ୍ୟାପକ ଅର୍ଥ ଲଗାଯାଇଥିବା ଅଭିଯୋଗ ହେଉଛି। ଏ ନେଇ ଭେଷଜ ନିରୀକ୍ଷକ ସୁକାନ୍ତ ସାହୁଙ୍କୁ ପଚାରିବାରେ ଏଭଳି ବେଆଇନ ଦୋକାନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ମହାକାଳପଡ଼ା ଖବରଦାତାଙ୍କ ପ୍ରତିବାଦ ବୈଠକ

## ଖବରଦାତାଙ୍କୁ ଉପଜିଲାପାଳଙ୍କ ନାଲିଆଖି ଘଟଣା



ମା' ରାମଚଣ୍ଡୀ ମନ୍ଦିର ପରିସରରେ ମହାକାଳପଡ଼ା ବ୍ଲକ୍ ଖବରଦାତାଙ୍କ ପ୍ରତିବାଦ ସଭା ।

ମହାକାଳପଡ଼ା,୧୩।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଉପଜିଲାପାଳ ଅରୁଣ କୁମାର ନାୟକ ଜିଲା ଖବରଦାତାଙ୍କୁ ଏକ ଶାନ୍ତି କମିଟି ବୈଠକରେ ନାଲି ଆଖି ଦେଖାଇବା ସହ ଦୁର୍ବ୍ୟବହାର କରିବା ନେଇ ବିଭିନ୍ନ ମହଲରେ ଦୃଢ଼ ନିନ୍ଦା କରାଯିବା ସହ ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁସାରେ ରବିବାର ଅପରାହ୍ନରେ ଜିଲା ଟାଉନ୍ ହଲ୍‌ରେ ଗଜଲକ୍ଷ୍ମୀ ଭସାଣି ପର୍ବ ପାଳନରେ ଶାନ୍ତି କମିଟି ବୈଠକରେ ଜିଲାପାଳ, ଜିଲା ଅଧୀକ୍ଷକଙ୍କ ସମେତ ବହୁ ବରିଷ୍ଠ ମୁରବି ଓ ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଉପଜିଲାପାଳ ନାୟକ ହଠାତ୍ ଉତ୍କ୍ଷିପ୍ତ ହୋଇ ଜିଲା ଖବରଦାତା ଜୀବନ ସିଂଙ୍କ ସମେତ ଅନ୍ୟ ୨ ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ନାଲିଆଖି ଦେଖାଇବା ସହ ଦୁର୍ବ୍ୟବାହର କରିଥିଲେ। ଫଳରେ ବୈଠକରେ ଉପସ୍ଥିତ ଥିବା ଖବରଦାତାମାନେ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ବୈଠକ ଅଧାରୁ ବାତିଲ ହୋଇଥିଲା।

ଏହି ଘଟଣାକୁ ବିଭିନ୍ନ ମହଲରେ ଘୋର ନିନ୍ଦାକରିବା ସହ ଜିଲାସ୍ତରୀୟ ଅଧିକାରୀଙ୍କ ମୁହଁରୁ ଏଭଳି ବ୍ୟବହାର ଆଶା କରାଯାଉ ନ ଥିଲା ବୋଲି କୁହାଯାଇଛି। ଏହାର ପ୍ରତିବାଦ ରେ ମହାକାଳପଡ଼ା ମା' ରାମଚଣ୍ଡୀ ମନ୍ଦିର ପରିସରରେ ସୋମବାର ଅପରାହ୍ନରେ ବରିଷ୍ଠ ଖବରଦାତା ସମରେନ୍ଦ୍ର ମାହାଳିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଶୋକ କୁମାର ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ, କଳ୍ପତରୁ ସାମଲ, ସୁବାସ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ପ୍ରତାପ ଚନ୍ଦ୍ର ସ୍ୱାଇଁ, ସୌମେନ୍ଦ୍ର ମଣ୍ଡଳ, ଶ୍ରୀମନ୍ତ ଦାସ, ବିଘ୍ନେଶ୍ୱର ସେଠୀ ଓ ରମେଶ ଚନ୍ଦ୍ର ଭକ୍ତା ପ୍ରମୁଖ ଉପସ୍ଥିତ ରହି ଉକ୍ତ ଘଟଣାକୁ ଦୃଢ଼ ନିନ୍ଦା କରିଥିଲେ। ଏ ନେଇ ରାଜ୍ୟ ଗୃହ ବିଭାଗକୁ ଏକ୍ସ-ହ୍ୟାଣ୍ଡଲରେ ତଦନ୍ତ ପାଇଁ ଅଭିଯୋଗ ହୋଇଛି ବୋଲି କୁହାଯାଇଛି। ଏ ସମ୍ପର୍କରେ ଜୀବନ ସିଂ ମତାମତ ନେବାରେ ଉପଜିଲାପାଳଙ୍କ ବ୍ୟବହାର ଖୁବ୍ ମର୍ମାହତ କରିଥିଲା। ପରବର୍ତ୍ତୀ ସମୟରେ ଉପ ଜିଲାପାଳ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସ୍ୱୀକାର କରିଥିଲେ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ରାଜନଗର,୧୩।୧୦(ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର ରାଜନଗର ହାଇସ୍କୁଲ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ୍ ନୋଡାଲ ପ୍ରଧାନ ଶିକ୍ଷକ ଶୁଭ୍ରଜ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସେମିନାରରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ଜେନା, ବ୍ଲକ୍ ବିଜ୍ଞାନ ସଂଯୋଜକ ଶାନ୍ତନୁ ସୂତାର, ରାଜନଗର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ଛଟାଇ ଯୋଗଦେଇ 'କ୍ୱାଣ୍ଟମ୍ ଯୁଗର ଆରମ୍ଭ, ସମ୍ଭାବନା ଓ ଆହ୍ୱାନ ବିଷୟରେ ଆଲୋଚନ କରିଥିଲେ। ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୨୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ବିଚାରକଭାବେ ବଳଦେବ ହାଇସ୍କୁଲ ଜରିଆର ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଭାସ ରଞ୍ଜନ ପ୍ରଧାନ ଓ ଚଣ୍ଡିଅଗଡ଼ି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶୁଭ୍ରକାନ୍ତ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲ। ସେମିନାରରେ ସୁଚିତ୍ରା ବିହାରୀ କଞ୍ଚାନେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟ, କୁରୁଣ୍ଟି ପ୍ରଥମ, ତୃପ୍ତି ପ୍ରିୟଦର୍ଶିନୀ ବାରିକ, ନଗନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ, ସୌମ୍ୟ ରଞ୍ଜନ ପ୍ରଧାନ, ଓସ୍ତିଆ ବନ୍ଧପଟଣା ଉଚ୍ଚ ବିଦ୍ୟାଳୟର ଛାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ରାଜନଗର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୭୯ ଅଭିଯୋଗ ଶୁଣିଲେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ

## ମିଳିତ ଜନଶୁଣାଣି

ପାଟକୁରା, ୧୩।୧୦(ରବୀନ୍ଦ୍ର ନାଥ ବାରିକ)



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ରଘୁରାମ ଆର୍. ଆୟାର ଓ ଅନ୍ୟ ଅଧିକାରୀମାନେ।

ଗରଦପୁର ବ୍ଲକ୍ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟାର ଓ ଆରକ୍ଷୀ ଅଧୀକ୍ଷକ ଅଭିଯୋଗଗୁଡ଼ିକର ଶୁଣାଣିକରି ବିଭିନ୍ନ ବିଭାଗକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଏଡିଏମ୍ ନବକୃଷ୍ଣ ଜେନା, ଡେପୁଟି କଲେକ୍ଟର (ଅଭିଯୋଗ ଶୁଣାଣି)ତୃପ୍ତି ମହାନ୍ତି,ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ମନୋରଞ୍ଜନ ରାଉତ, ବିଡିଓ ଆଲୋକ କୁମାର ସେଠୀ, ତହସିଲଦାର ତୃପ୍ତି ଦାଶ, ବ୍ଲକ୍ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ନିରଞ୍ଜନ କର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ପୋଲିସ ସବ୍‌ଇନ୍ସପେକ୍ଟର ଦୀପ୍ତିମୟୀ ରାଉତ, ସହକାରୀ ଜିଲା ଯୋଗାଣ ଅଧିକାରୀ ଦେବାଶ୍ରୀ ମାଥାଙ୍କ ସମେତ ଅନେକ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜିଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ।

ଜିଲାପାଳ ସମୁଦାୟ ୭୯ ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୬୦ ଅଭିଯୋଗ ବିଭିନ୍ନ ବିଭାଗର ସାମୂହିକ ହୋଇଥିବା ବେଳେ ୧୯ ଟି ବ୍ୟକ୍ତିଗତ ରହିଥିଲା । ୨ ଜଣଙ୍କୁ ତତ୍କାଳ ଚିକିତ୍ସା ପାଇଁ ଜିଲାପାଳ ପଦକ୍ଷେପ ନେଇଥିଲେ। ଗରଦପୁର ତହସିଲରେ ସ୍ଥାୟୀ ଅମିନ ରଖିବା ପାଇଁ କଳାବୁଦାର ବିଜୟ ନାୟକ ଓ ହରିଦାସପୁରର ଚିତ୍ତରଞ୍ଜନ ଚୌଧୁରୀ ଦାବି କରିଥିଲେ। ବେଡାରୀ ପଞ୍ଚାୟତରେ କାର୍ଯ୍ୟରତ ସ୍ୱାବଲମ୍ବୀ କାରିଗର ସୋବନା ନନ୍ଦ ଓଝା, ପ୍ରଫୁଲ୍ଲ ଦାଶ, କମଳାକାନ୍ତ ସୂତାର ୮ ମାସ ହେବ ଦରମା ପାଇ ନ ଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ତୁରନ୍ତ ୫ ଦିନ ମଧ୍ୟରେ ସେମାନଙ୍କ ଦରମା ଦେବାକୁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରକଣା ଗ୍ରାମରେ ମାଙ୍କଡ଼ ଉପଦ୍ରବ ବଢ଼ି ଚାଲିଥିବାରୁ ବାଡ଼ିରେ କିଛି ଫସଲ ହେଉନାହିଁ । ସେମାନଙ୍କୁ ଘଉଡ଼ାଇବା ପାଇଁ କୈଳାସ ମିଶ୍ର ଆବେଦନ କରିଥିଲେ । ଗରଦପୁର ବ୍ଲକ୍‌ର ସମିତି ସଭ୍ୟମାନଙ୍କର ୩ ମାସର ଦରମା ଟ୍ରେଜେରି ପାସ୍ ହେବାପାଇଁ ଅକ୍ଟୋବର ୩ ତାରିଖରେ ପଠାଯାଇଛି, ହେଲେ ଏହା ପାସ୍ ହୋଇପାରୁନାହିଁ ବୋଲି ତେଣ୍ଡାକୁଡ଼ା ସମିତି ସଭ୍ୟ ବାସୁଦେବ ବେହେରା ଓ ଅନ୍ୟ କେତେଜଣ ଅଭିଯୋଗ କରିଥିଲେ। ବଡ଼ବେତରା ଗ୍ରାମର ରୀନାରାଣୀ ମହାପାତ୍ରଙ୍କ ପୁଅ ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ଗ୍ରାମର ଅନ୍ୟମାନେ ବିରୋଧ କରୁଥିବା ସେ ଅଭିଯୋଗ କରିଥିଲେ । ହରିଦାସପୁର ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବେଡାରି ସମିତି ସଭ୍ୟ ଦିଲୀପ ସାହୁ ଦାବି କରିଥିଲେ । ଗରଦପୁରରେ ଟ୍ରେଜେରି, କୋର୍ଟ ପ୍ରତିଷ୍ଠା, ବସ୍ ସେବା ଓ ରଥ ଦାଣ୍ଡ ଉନ୍ନତୀକରଣ ପାଇଁ ନବାବ ପଣ୍ଡା ଜିଲାପାଳଙ୍କୁ ନିବେଦନ କରିଥିଲେ । ଅନେକ ଅଭିଯୋଗ ଆବାସ, ଖାଉଟି କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ପାଇଁ ଉଦ୍ଦିଷ୍ଟ ଥିଲା ।

# ବରିଷ୍ଠ ନାଗରିକ ମଞ୍ଚର ଚାରାରୋପଣ

ପଟ୍ଟାମୁଣ୍ଡାଇ, ୧୩।୧୦(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ନେତୃତ୍ୱରେ ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପ୍ରଫେସର ଗୋଲକ ମହାରଣା ଓ କାର୍ଯ୍ୟକାରୀ ସଭାପତି କସ୍ତୁରୀ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଭିନ୍ନ ଉପକାରୀ ଫଳ, ଫୁଲ ଚାରାରୋପଣ କରିବା ସହ ଗ୍ଲୋବାଲ ୱାର୍ମିଂ ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ଭାବେ ଠିଆ ହୋଇଛି । ତେବେ ବିଶ୍ୱ ତାପନରୁ ରକ୍ଷାପାଇବା ପାଇଁ ସମସ୍ତଙ୍କୁ ଚାରାରୋପଣ କରିବାକୁ ହେବ ବୋଲି ସେମାନେ କହିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ଯୁଗ୍ମ ସମ୍ପାଦକ ବିଜୟ ସାହୁ, କୋଷାଧ୍ୟକ୍ଷ ଚତୁର୍ଭୁଜ ରାଉଳ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ରଥ, ପାବନୀ ରାଉତ, ବିଜୟ ରାଉତ, ସୁରେଶ ଜେନା, କବି ସଚ୍ଚିତ୍ର ବେହୁରା, ଗାଳ୍ପିକ ପ୍ରଦୀପ ନାୟକ, ଜଗନ୍ନାଥ ନାୟକ, ଶୀତଳ ପରିଡ଼ା, ପ୍ରଫୁଲ୍ଲ ପ୍ରଧାନ,ବଂଶୀଧର ନାୟକ ଓ କହ୍ନାଇ ପରିଡ଼ା ପ୍ରମୁଖ ଯୋଗଦେଇ ମନ୍ଦିର ପରିସରରେ ଆମ୍ବ, ପଣସ, ଗୁଆ,ଅମ୍ଳା,ପିଜୁଳି ଓ କୃଷ୍ଣଚୂଡ଼ା ଆଦି ବିଭିନ୍ନ ଫଳଫୁଲ ଚାରା ରୋପଣକରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ ।



ଚାରାରୋପଣ ଅବସରରେ ଏକାଠି ହୋଇଥିବା ବରିଷ୍ଠ ନାଗରିକ ।

# ବେକାର ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦାବି

## ଢିଙ୍କିଆ ଚାରିଦେଶ ଉନ୍ନୟନ ସମିତି ପକ୍ଷରୁ ମହିଳା ସମାବେଶ

କୁଜଙ୍ଗ, ୧୩।୧୦(ମନୋଜ ପ୍ରଧାନ)



ସମାବେଶରେ ଯୋଗଦେଇଥିବା ମହିଳାମାନେ।

ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଓ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଶିଳ୍ପ ପ୍ରଭାବିତ ଅଞ୍ଚଳ ତଥା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଢିଙ୍କିଆ ଚାରିଦେଶ ଉନ୍ନୟନ ସମିତି ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଢିଙ୍କିଆ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମ ବାତ୍ୟା ଆଶ୍ରୟସ୍ଥଳୀଠାରେ ଆୟୋଜିତ ଏହି ସମାବେଶରେ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତର ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ସେମାନଙ୍କ ସମସ୍ୟା ଓ ତାର ସମାଧାନ ଉପରେ ମତବ୍ୟକ୍ତ କରିଥିଲେ।

ସମାବେଶରେ ସାମାଜିକ କର୍ମୀ ତଥା ଦିନଦୟାଲ ଉପାଧ୍ୟାୟ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିୟନ ସଭାପତି କ୍ଷୀରୋଦ ଚନ୍ଦ୍ର ପରିଡା ଯୋଗଦେଇ କହିଥିଲେ ଢିଙ୍କିଆ ଚାରିଦେଶର ସରଳ ମଣିଷ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ୱାଗତ କରିଥିଲେ। ସେମାନେ ସ୍ୱପ୍ନ ଦେଖିଥିଲେ, ଶିଳ୍ପ ହେଲେ ନିଜର ଜୀବନ ଶୈଳୀରେ ପରିବର୍ତ୍ତନ ହେବା ସହ ଚାକିରି କରି ନିଜର ପରିବାର ପ୍ରତିପୋଷଣ କରିବେ। ଯେଉଁଥିପାଇଁ ପିଢ଼ିପିଢ଼ି ଧରି ଜଙ୍ଗଲ ଜମି ଉପରେ ନିର୍ଭର କରି ନିଜର ଜୀବନ ଜୀବିକା ନିର୍ବାହ କରି ଆସୁଥିବା ଜଙ୍ଗଲ ଜମିକୁ ଛାଡ଼ି ଦେଇଥିଲେ। ଫଳରେ ଢିଙ୍କିଆ ଚାରି ଦେଶର ଲୋକେ ନିଜର ଜୀବିକା ହରାଇବା ସାଙ୍ଗକୁ ପ୍ରାକୃତିକ ସମ୍ପଦ ଜଙ୍ଗଲ ଓ ଜଙ୍ଗଲ ଜାତ ଦ୍ରବ୍ୟ ହରାଇଲେ। ଜଳ ଓ ବାୟୁ ପ୍ରଦୂଷଣର ଶିକାର ହେଲେ। ତାହା ପରିବର୍ତ୍ତେ ଉପଯୁକ୍ତ କ୍ଷତିପୂରଣ କି ନିଯୁକ୍ତି ମିଳି ପାରୁନାହିଁ ବୋଲି ପରିଡ଼ା କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ଆଲୋଚନା ମାଧ୍ୟମ ରେ ସମସ୍ୟାର ସମାଧାନ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନକୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ନନେଇ ନୀରବ ରହୁଛନ୍ତି। ତେଣୁ ଯଦି କମ୍ପାନୀ କର୍ତ୍ତୃପକ୍ଷ ଉପଯୁକ୍ତ କ୍ଷତିପୂରଣ ସହ ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ନ ଦିଅନ୍ତି ଖୁବ୍‌ଶୀଘ୍ର ଅଞ୍ଚଳର ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ପରିଡ଼ା ଚେତାଇ ଦେଇଥିଲେ।

# ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ଏରସମା, ୧୩। ୧୦ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ଗଡ଼ହରିଶପୁର ଗ୍ରାମରେ ସ୍ତ୍ରୀଙ୍କୁ ମାଡମାରିବା ସ୍ୱାମୀଙ୍କୁ ମହଙ୍ଗା ପଡିଛି । ଏହି ଅଭିଯୋଗରେ ସୋମବାର ସମ୍ପୃକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଗଡ଼ହରିଶପୁର ଗ୍ରାମର ବଳରାମ ଜେନା ( ୨୪ )। ସ୍ତ୍ରୀ ମମତା ଗାୟନଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୩୬୩/୨୫) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ବଳରାମ ଅଧିକାଂଶ ଦିନ ବିଭିନ୍ନ କାରଣକୁ ନେଇ ମମତାଙ୍କୁ ମାର୍‌ପିଟ କରନ୍ତି। ରବିବାର ରାତିରେ କୌଣସି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଳରାମ ପୁଣି ମମତାଙ୍କୁ ମାର୍‌ପିଟ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ପ୍ରେମଜିତ ଦାସ କହିଛନ୍ତି।

# ଏରସମା କାଳୀପୂଜା ପାଇଁ ପ୍ରସ୍ତୁତି

ଏରସମା, ୧୩ । ୧୦ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଥିବା ୪୭ତମ କାଳୀ ପୂଜା ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର କୁମାର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶ୍ୱନାଥ ମହାନ୍ତି, ସନ୍ତୋଷ ଜେନା, ଝାଟୁ ମୁଦୁଲି, ପ୍ରହ୍ଲାଦ ବିଶ୍ୱାଳ, ବାବାଜୀ ଦାସ, ରାଜେନ୍ଦ୍ର ବାରିକ, ତପନ ଦାସ, ଦୀଲ୍ଲିପ ମୁଦୁଲି, ଲୁଲୁ ଦାସ, ମିଟୁ ଦାସ, ନବ ମୁଦୁଲି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବଡ଼ଭାଇଙ୍କୁ ଆକ୍ରମଣ, ଜେଲ ଗଲେ ରାଜକିଶୋର

ଜଗତ୍‌ସିଂହପୁର, ୧୩।୧୦ (ପ୍ରମୋଦ ନାୟକ)

ବିରିଡ଼ି ଥାନା ଅଣଖିଆ ସଢ଼େଇଶାସନ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମନୋଜ ବେହେରାଙ୍କୁ ତାଙ୍କ ସାନଭାଇ ରାଜକିଶୋର ବେହେରା ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ସମ୍ପର୍କରେ ମନୋଜଙ୍କ ସ୍ତ୍ରୀ କୁଞ୍ଜଲତା ବେହେରାଙ୍କ ଅଭିଯୋଗ ଆଧାରରେ ବିରିଡ଼ି ଥାନାରେ ମାମଲା (ନଂ.୨୫୯/୨୫) ରୁଜୁ କରାଯାଇଛି। ଏଥିସହ ଅଭିଯୁକ୍ତ ରାଜକିଶୋରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ସୁଜାତା ବେହେରା କହିଛନ୍ତି।

ଏ ସମ୍ପର୍କରେ କୁଞ୍ଜଲତା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଦିଅର ରାଜକିଶୋର ଦୀର୍ଘ ଦିନ ଧରି ତାଙ୍କୁ ଗାଳିଗୁଲଜ ସହ ପରିବାରର ସମସ୍ତଙ୍କୁ ହତ୍ୟା କରିଦେବେ ବୋଲି ଧମକ ଦେଇଆସୁଥିଲେ। ଗତ ୧୨ ତାରିଖରେ ତାଙ୍କ ସ୍ୱାମୀ ଛିଡା ହୋଇଥିବା ବେଳେ ତାଙ୍କ ପଛପଟ ମୁଣ୍ଡକୁ ରାଜକିଶୋର ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ସ୍ୱାମୀ ତଳେ ପଡି ଛଟଛଟ ହେବା ସହ ଅଚେତ ହୋଇ ଯାଇଥିଲେ। ଏଭଳି ଅବସ୍ଥାରେ କୁଞ୍ଜଲତା ସ୍ୱାମୀଙ୍କୁ ପ୍ରଥମେ ଘରକୁ ନେବା ପରେ ବିରିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତରଙ୍କ ଚିକିତ୍ସା ପରେ ସ୍ୱାମୀ ଘରକୁ ଫେରିଥିଲେ ସୁଦ୍ଧା ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ତେଣୁ ଆଗାମୀ ଦିନରେ ତାଙ୍କ ପରିବାର ସଦସ୍ୟଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେମାନଙ୍କୁ ସୁରକ୍ଷା ଦିଆଯାଉ ବୋଲି କୁଞ୍ଜଲତା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

# 'ଉତ୍ତମ ଖାଦ୍ୟ ଶିଶୁଙ୍କ ବୌଦ୍ଧିକ ବିକାଶରେ ସହାୟକ ହୁଏ'

## ବ୍ଲକସ୍ତରୀୟ ପୋଷଣ ପକ୍ଷ ପାଳନ

ରଘୁନାଥପୁର, ୧୩।୧୦(ରାଜେନ୍ଦ୍ର ନାରାୟଣ ସିଂହ)




ପୋଷଣ ପକ୍ଷ ପାଳନ ଅବସରରେ ଉପସ୍ଥିତ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ପୋଷଣ ମାସ ଉପଲକ୍ଷେ ରଘୁନାଥପୁର ସମ୍ମାନିତ ଶିଶୁ ବିକାଶ ବିଭାଗ ପକ୍ଷରୁ ମିଶନ ଶକ୍ତି କାର୍ଯ୍ୟାଳୟ ସଭାକକ୍ଷରେ ବ୍ଲକସ୍ତରୀୟ ପୋଷଣ ପକ୍ଷ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ସିଡିପିଓ ତୃପ୍ତିଲତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଡିଓ ବିରଞ୍ଚି ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, ଶୈଶବରେ ଶିଶୁଙ୍କ ଯତ୍ନ ନେବା କ୍ଷେତ୍ରରେ ଉଭୟ ମା' ବାପାଙ୍କ ଗୁରୁଦାୟିତ୍ୱ ରହିଛି। ଏହି ସମୟରେ ଶିଶୁଙ୍କୁ ଉତ୍ତମ ପୋଷଣ ଖାଦ୍ୟାଭ୍ୟାସ ଅତ୍ୟନ୍ତ ଜରୁରୀ। କାରଣ ଉତ୍ତମ ପୋଷଣ ଖାଦ୍ୟାଭ୍ୟାସ ଶିଶୁଙ୍କ ବୌଦ୍ଧିକ ବିକାଶରେ ସହାୟକ ହୁଏ ବୋଲି ପ୍ରକାଶ କରିଥିଲେ। ଏହାଛଡା ମେଦ ବହୁଳତା ପ୍ରତି ସତର୍କ ରହିବାକୁ ବିଡିଓ ବେହେରା ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ ରଞ୍ଜିତା ସିଂହ, ମଣ୍ଡଳ ସହ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ, ଓରମାସ ଅଧିକାରୀ ପ୍ରଭାତ ଦାସ ଓ ଡବ୍ଲୁଇଓ ରାମେଶ୍ୱର ନାୟକ, ଶୈଶବରେ ଶିଶୁଙ୍କ ଯତ୍ନ ଓ ମେଦବହୁଳତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉପସ୍ଥିତ ୧୮ କିଶୋରୀଙ୍କୁ ନେଇ ମେଦବହୁଳତା ସମ୍ପର୍କରେ ବକ୍ତୃତା, ସାଧାରଣ ଜ୍ଞାନ ଓ ରଚନା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୯ ପ୍ରତିଯୋଗୀଙ୍କୁ ମେଡାଲ ଦିଆଯିବା ସହ ସମସ୍ତ କିଶୋରୀଙ୍କୁ ମାନପତ୍ର ଦିଆଯିବା ସହ ପୁରସ୍କୃତ କରାଯାଇଥିଲା। ସୁପରଭାଇଜର ସୋନାଲି ପ୍ରିୟଦର୍ଶିନୀ, ଲିପ୍‌ସା ପ୍ରିୟଦର୍ଶିନୀ ଓ ବିଜୟଲକ୍ଷ୍ମୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପୋଷଣ ବ୍ଲକ ସଂଯୋଜକ ସୁପ୍ରିୟା ମହାନ୍ତି ଓ ମମତା ପ୍ରକଳ୍ପ ସହାୟିକା ପ୍ରିୟଦର୍ଶିନୀ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ,ସ୍ୱାସ୍ଥ୍ୟକର୍ମୀ ଓ କିଶୋରୀମାନେ ଉପସ୍ଥିତ ଥିବାବେଳେ ବଡ଼ବାବୁ ପ୍ରଣୟ ସ୍ୱାଇଁ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ହରିଡ଼ାବନ୍ଧ ନୂଆ ସୋସାଇଟିରେ ମିଳୁନି ଚାଷୀଙ୍କୁ ସୁଫଳ

## ଜିଲାପାଳଙ୍କୁ ଫେରାଦ ହୋଇ ମାଗିଲେ ହକ୍

- ହେଲାନି ଧାନମଣ୍ଡି କି ଚାଷୀ ପାଇଲେନି ସାର, ବିହନ
- ନୂଆ ସଭ୍ୟ ପାଇଁ ନିଆଯାଉଛି ୧୨୦୦ ଟଙ୍କା
- ଡ୍ୟାମ୍‌ରେ ବୁଡ଼ିଥିବା ଜମିପଟ୍ଟାରେ କରାଯାଉଛି ପଞ୍ଜୀକରଣ

ନୟାଗଡ଼,୧୩।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ହରିଡ଼ାବନ୍ଧ ପଞ୍ଚାୟତ ହରିଡ଼ାବନ୍ଧ ଗାଁରେ ନୂଆକରି ପ୍ରାଥମିକ କୃଷି ସମବାୟ ସମିତି (ସୋସାଇଟି) ସ୍ଥାପନ କରାଯାଇଛି। ହେଲେ ଏହାକୁ ପୁରୁଣା କେଶପାନିଆ ପ୍ରାଥମିକ କୃଷି ସମବାୟ ସମିତିରୁ ପୃଥକ୍ କରାଯାଉନି ବୋଲି ଅଭିଯୋଗ ରହିଛି। ସୋସାଇଟି ହେବାର ପ୍ରାୟ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ନିଜସ୍ୱ ଜମି ଚିହ୍ନଟ ହୋଇ ପାରିଲା ନାହିଁ। ଏପରିକି ଭଡ଼ାଘରେ ବି କାର୍ଯ୍ୟାଳୟ ଖୋଲିଲା ନାହିଁ। ପ୍ରାଥମିକ କୃଷି ସମବାୟ ସମିତି ସଭ୍ୟ ପାଇଁ ୧୨୦୦ ଟଙ୍କା ଚାନ୍ଦା ନିଆଯାଉଛି, ହେଲେ ରସିଦ୍ ଦିଆଯାଉନି। ଚାଷୀ ସଭ୍ୟ ହେଲେ କି ନାହିଁ ଜଣାପଡୁନି।

ସେହିପରି କଇଁଫୁଲିଆ ଡ୍ୟାମ୍‌ରେ କେତେକ ଚାଷୀଙ୍କ ଜମି ରହିଛି। ସମ୍ପୃକ୍ତ ଜମି ମାଲିକମାନେ କ୍ଷତିପୂରଣ ପାଇ ସାରିଛନ୍ତି। ତେବେ କଇଁଫୁଲିଆ ଡ୍ୟାମ୍ ପାଣିରେ ବୁଡି ରହୁଥିବା ଜମିର ଧାନ ବିକ୍ରି ପାଇଁ ଚାଷୀଙ୍କ ପଞ୍ଜୀକରଣ କରାଯାଉଛି। ଡ୍ୟାମ୍ ଭିତରେ ଥିବା ଜମିରୁ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିବା ବେଆଇନ ହୋଇଥିଲେ ହେଁ ଏହାକୁ ପ୍ରୋତ୍ସାହନ ଦିଆଯାଉଛି। ପୁଣି ହରିଡ଼ାବନ୍ଧରେ ପ୍ରାଥମିକ କୃଷି ସମବାୟ ସମିତି ହେବା ପରେ ଚାଷୀ ବିହନ କି ସାର ଠିକ୍‌ରେ ପାଇଲେନି। ସାର କଳାବଜାରକୁ ୨୦୨୫ ଖରିଫ ଋତୁରେ ରୋକା ଯାଇ ପାରିଲାନି। ଗତବର୍ଷ ଧାନମଣ୍ଡି ଖୋଲିଲା ନାହିଁ କି ଚଳିତବର୍ଷ ଖୋଲାଯିବାର ନାହିଁ ବୋଲି ଅନୁମାନ କରାଯାଉଛି। ନୂଆ ପ୍ରାଥମିକ କୃଷି ସମବାୟ ସମିତି ହେବା ପରେ ଚାଷୀ ସୁଫଳ ପାଇଲେନି ବୋଲି ଜିଲାପାଳଙ୍କ ନିକଟରେ ହରିଡ଼ାବନ୍ଧ ପଞ୍ଚାୟତର ଚାଷୀ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଦାବି କରିଛନ୍ତି, ନୂଆ ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା ଅନିୟମିତତାର ତଦନ୍ତ ଓ ପ୍ରାଥମିକ କୃଷି ସମବାୟ ସମିତିକୁ କାର୍ଯ୍ୟକ୍ଷମ କରାଯାଉ। ପ୍ରାଥମିକ କୃଷି ସମବାୟ ସମିତିର ସୁବିଧା ଓ ଅସୁବିଧା ସମ୍ପର୍କରେ ଏଆରସିଏସ, ଡିଆରସିଏସ୍‌ଙ୍କୁ ମଧ୍ୟ ଅନୁରୂପ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

### ଚାଷୀଙ୍କୁ ଦୁର୍ବ୍ୟବହାର ନେଇ ସରପଞ୍ଚଙ୍କ ଫେରାଦ

କେଶପାନିଆ ପ୍ରାଥମିକ କୃଷି ସମବାୟ ସମିତିରେ ଚାଲିଥିବା ଦୁର୍ନୀତି ଓ ଚାଷୀଙ୍କୁ ଦୁର୍ବ୍ୟବହାର ନେଇ ଜିଲାପାଳଙ୍କ ନିକଟରେ ପଞ୍ଚୁମୁ ସରପଞ୍ଚ ରାଣି ପାଇକରା ଅଭିଯୋଗ କରି ତଦନ୍ତ ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ, କେଶପାନିଆ ପ୍ରାଥମିକ କୃଷି ସମବାୟ ସମିତିରେ ୧୧ ଗାଁର ଚାଷୀ ଅଛନ୍ତି। ସମ୍ପାଦକ ଭାବେ ନିରୁପମା ପରିଡ଼ା ଓ ଡାଟା ଏଣ୍ଟ୍ରି ଅପରେଟର ଭାବେ ସୁଧାଂଶୁ ପରିଡ଼ା ଭଉଣୀ ଭାଇ କାର୍ଯ୍ୟ କରୁଛନ୍ତି। ଗତ ୨୭ ତାରିଖ ରାତି ପ୍ରାୟ ୯ଟାରେ ପ୍ରାଥମିକ କୃଷି ସମବାୟ ସମିତି ଗୋଦାମ ଗୃହରେ ସାର କଳାବଜାର ହେଉ ଥିବା ସେହି ଦିନ ପର୍ଦ୍ଦାଫାଶ ହୋଇଥିଲା। ଚାଷୀ ସେଦିନ ପ୍ରମାଣ କରିବା ପରେ ବି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଅପରପକ୍ଷେ କେଶପାନିଆ ପ୍ରାଥମିକ କୃଷି ସମବାୟ ସମିତିକୁ ଗଲେ ସମ୍ପାଦିକା ଚାଷୀଙ୍କୁ ଭଲ ବ୍ୟବହାର ଦେଖାଉନାହାନ୍ତି। ସମିତିର ସଭ୍ୟ ପାଇଁ ୧୨୦୦ ଟଙ୍କା ନେଉଥିଲେ ମଧ୍ୟ ରସିଦ୍ ଦେଉନାହାନ୍ତି । ରସିଦ୍ ମାଗିଲେ ଚାଷୀଙ୍କ କଥାକୁ ଅଣଦେଖା କରୁଛନ୍ତି। ଧାନ ବିକ୍ରି ପାଇଁ ନାଁ ପଞ୍ଜୀକରଣ ସମୟରେ ଅଧା ଜମିର ପଞ୍ଜୀକରଣ କରୁଛନ୍ତି। ବାଦ୍ ପଡିଥିବା ଅବଶିଷ୍ଟ ଜମିକୁ ନିଜ ପସନ୍ଦର ଲୋକଙ୍କ ନାଁରେ ଭାଗଚାଷୀ କରି ପଞ୍ଜୀକରଣ କରାଉଛନ୍ତି। ସମିତିରେ ଚାଲିଥିବା ବେଆଇନ କାର୍ଯ୍ୟର ତଦନ୍ତ ପାଇଁ ସରପଞ୍ଚ ଅନୁରୋଧ କରିଛନ୍ତି।

ଏନେଇ କେଶପାନିଆ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ନିରୁପମା ପରିଡ଼ା କୁହନ୍ତି, ହରିଡ଼ାବନ୍ଧ ନୂଆ ପ୍ରାଥମିକ କୃଷି ସମବାୟ ସମିତିର ନିଜସ୍ୱ ଘର ନାହିଁ । ଭଡ଼ାରେ ଅଫିସ ଚାଲୁ କରିବାକୁ ସରକାର ଅର୍ଥ ମଞ୍ଜୁର କରିନାହାନ୍ତି। ପୁଣି ଅଫିସ କାର୍ଯ୍ୟ ପାଇଁ ଅନେକ ଉପକରଣର ଆବଶ୍ୟକତା ରହିଛି, ଯାହା ଉପଲବ୍ଧ ନାହିଁ। କଇଁଫୁଲିଆ ଡ୍ୟାମ୍ ଭିତରେ ରହିଥିବା ଚାଷୀଙ୍କ ଜମିକୁ ପଞ୍ଜୀକରଣ କରାଯାଇ ନାହିଁ । ଉଭୟ ପ୍ରାଥମିକ କୃଷି ସମବାୟ ସମିତିରେ ୧୨୦୦ ଟଙ୍କା ଫି' ନେବାକୁ ସ୍ୱୀକାର କରିଛନ୍ତି। ତେବେ ଏବେ ଆଉ ନିଆ ଯାଉ ନ ଥିବା କହିଛନ୍ତି । ଯାହାକି ସରକାରୀ ଆଇନ ଭିତରେ ନିଆଯାଇ ରସିଦ୍ ଦିଆଯାଇଛି। ସାର କଳାବଜାର ହୋଇନାହିଁ। ପୁଣି ଚାଷୀ ପଞ୍ଜୀକରଣରେ ଅନିୟମିତତା ଅଭିଯୋଗ ମିଛ। ମୋର କୌଣସି ଭାଗଚାଷୀ ପ୍ରତି ଅନୁକମ୍ପା କରିବାର ନାହିଁ । ଆମେ ଭଉଣୀଭାଇ କାହାରିକୁ ଖରାପ ବ୍ୟବହାର ଦେଖାଇନାହୁଁ। ସରକାରୀ ନୀତି ନିୟମ ଭିତରେ ସବୁ କିଛି କରାଯାଉଛି ବୋଲି ସେ କହିଛନ୍ତି।

ଡିଆରସିଏସ୍ ଅନନ୍ତ ନାୟକ କୁହନ୍ତି, ଅଭିଯୋଗ ମିଳିଛି । ହରିଡ଼ାବନ୍ଧ ନୂଆ ପ୍ରାଥମିକ କୃଷି ସମବାୟ ସମିତିରେ ଗତବର୍ଷ ରବି ଓ ଚଳିତବର୍ଷ ଖରିଫରେ ଋଣ ଲଗାଣ ହୋଇଛି। ସମିତି କାର୍ଯ୍ୟାଳୟ ପାଇଁ ଚାଷୀଙ୍କ ସହଯୋଗରେ ସ୍ଥାନ ଚୟନ ପାଇଁ ପଦକ୍ଷେପ ନିଆଯାଉଛି । କେଶପାନିଆ ଓ ହରିଡ଼ାବନ୍ଧ ପ୍ରାଥମିକ କୃଷି ସମବାୟ ସମିତିରେ ଯାହା କିଛି ଅସୁବିଧା ରହିଛି ଅନୁଧ୍ୟାନ ଓ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ଆତ୍ମଧର୍ମ ମହାସଂଘର ୪୯ତମ ବାର୍ଷିକ ଅଧିବେଶନ



ଅଧିବେଶନରେ ସାଧୁସନ୍ଥମାନେ ଆଲୋଚନା କରୁଛନ୍ତି ।

ଖଣ୍ଡପଡା, ୧୩।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ବଳରାମପ୍ରସାଦ ଅକୁରାବନ୍ଧ ଶାନ୍ତି କୁଟୀର ପରିସରରେ ରବିବାର ଆତ୍ମଧର୍ମ ମହାସଂଘର ୪୯ତମ ବାର୍ଷିକ ଅଧିବେଶନ ଅନୁଷ୍ଠାନ ସଭାପତି ପୁଝାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅକୁରାବନ୍ଧ ଅଞ୍ଚଳୀ କମିଟି ତଥା ପତୁରିଆ, ଦୁଆରଗାଁ, ତାଳସାହି ଓ ଫୁଲବାଣୀ ବରିଷ୍ଠ ସଦସ୍ୟଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ, ଫୁଲବାଣୀ, ଅନୁଗୋଳ, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ବରଗଡ, ସମ୍ବଲପୁର, ରାୟଗଡା(ଛତିଶଗଡ. ସୁନ୍ଦରଗଡ ଆଦି ୧୧ ଜିଲାର ୨୬ ଅଞ୍ଚଳରୁ ଆଞ୍ଚଳିକ କମିଟିର ୪ଶହରୁ ଉର୍ଦ୍ଧ୍ୱ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଜନାର୍ଦ୍ଦନ ପ୍ରଧାନ ସଂଘର ବାର୍ଷିକ ବିବରଣୀ ପାଠ କରିବା ପରେ ଏହାକୁ ଦୃଢୀକରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ କମିଟିର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ ଲାଗି ପଦକ୍ଷେପ ନିଆଯାଇ ଥିଲା। ମୁଖ୍ୟ ଆଚାର୍ଯ୍ୟ ଦିବ୍ୟାନନ୍ଦ ସ୍ୱାମୀ ଏବଂ ସାଧୁ ସନ୍ଥ ଅଦ୍ୱୈତାନନ୍ଦ ସ୍ୱାମୀ, ସୁଦ୍ଧାନନ୍ଦ ସ୍ୱାମୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ଗୁରୁଦେବ ଭଗବାନ ସୋଅମ ସ୍ୱାମୀଙ୍କର ଜୀବନୀ ଉପରେ ଆଧାରିତ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଏହାକୁ ପୂଝାରୀ ପ୍ରଧାନ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ମୋହନାନନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ

ନୟାଗଡ,୧୩।୧୦(ଲୋକନାଥ ମିଶ୍ର)

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ କାର୍ତ୍ତିକ ମାସରେ ଶରଣକୁଳ ଆଞ୍ଚଳିକ ଆଧ୍ୟାତ୍ମିକ ଜାଗରଣ ପରିଷଦ ପକ୍ଷରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରଚନ ଆରମ୍ଭ ହୋଇ ଯାଇଛି । ଶୁକ୍ରବାର ରାମ ସେବକମାନେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଓ ଶ୍ରୀ ରଘୁନାଥଙ୍କ ମନ୍ଦିରରୁ ଆଜ୍ଞାମାଳ ଆଣି ଏକ ଶୋଭାଯାତ୍ରାରେ ଆସି ପାରାୟଣ ସ୍ଥଳିରେ ପହଞ୍ଚିଥିଲେ। ସେଠାରେ ଅଙ୍କୁରାରୋପଣ ପରେ ପୁରୋଧା ତୋଷବନ୍ତ କର ଓ ଅରୁଣ କୁମାର ତ୍ରିପାଠୀଙ୍କ ଦ୍ୱାରା ନିକଟସ୍ଥ କୁସୁମୀ ନଦୀରେ ପୂଜାର୍ଚ୍ଚନା କରାଯାଇ ମହିଳା ମାନେ ୧୦୮ ଜଳକଳସ ଶୋଭାଯାତ୍ରାରେ ଆଣିବା ପରେ ଶ୍ରୀ ରଘୁନାଥଙ୍କ ଘଟ ସ୍ଥାପନ କରାଯାଇଥିଲା । ଶନିବାର ସମସ୍ତ ଦେବଦେବୀଙ୍କୁ ଆବାହାନ କରି ପୂଜାର୍ଚ୍ଚନା ପରେ ଘୃତଯଜ୍ଞ କରାଯାଇ ଆହୂତି ପ୍ରଦାନ କରାଯାଇଥିଲା । ବ୍ୟାସ ରୂପେ ବାବା ପରମେଶ୍ୱର ଦାଶ ମହାରାଜ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସନ୍ଧ୍ୟାରେ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଚାଲୁ ରହିଛି। ପ୍ରଥମ ପ୍ରବକ୍ତାଭାବେ ଇଟାମାଟି ମୋହନ ପ୍ରଧାନ ପ୍ରବଚନ ଦେଇଥିଲେ । ପରେ ପ୍ରେମାନନ୍ଦ ଦାସ ପ୍ରବଚନ ଦେଇଛନ୍ତି। ମଙ୍ଗଳବାର ଓ ବୁଧବାର ଅନ୍ତର୍ଯ୍ୟାମୀ ଦାଶ ମହାରାଜ,ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ମନୋହର ଦାଶ ମହାରାଜ, ରବିବାର ଉଦ୍‌ଯାପନୀ ଦିବସରେ ଅଯୋଧ୍ୟା ଦାଶ ମହାରାଜ ଯୋଗଦେଇ ରାମଚରିତ ମାନସ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଥିବା ପରିଷଦ ପକ୍ଷରୁ ସୂଚନା ମିଳିଛି ।



ଲଡୁବାବାଙ୍କ ପୀଠରେ ପ୍ରବଚନ କାର୍ଯ୍ୟକ୍ରମ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା ପ୍ରସ୍ତୁତି ବୈଠକ



ବୈଠକରେ ବିଜେଡି କର୍ମୀମାନେ ଆଲୋଚନା କରୁଛନ୍ତି।

ଖଣ୍ଡପଡ଼ା,୧୩।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକସ୍ତରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ନେଇ ଏକ ପ୍ରସ୍ତୁତି ବୈଠକ ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ଗ୍ରାମସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବିଜୟ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ପଦଯାତ୍ରାକୁ ସଫଳ କରିବାକୁ ଦଳୀୟ କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ। ଅକ୍ଟୋବର ୧୯ରେ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନଙ୍କ ପୀଠ ପରିସରରୁ ପଦଯାତ୍ରାର ଶୁଭାରମ୍ଭ ହୋଇ ନିକଟସ୍ଥ ଖଳିସାହି ତୋଟା ହନୁମାନଙ୍କ ପୀଠଠାରେ ଶେଷ ହେବବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଶାନ୍ତିଶୃଙ୍ଖଳାର ସହ ପଦଯାତ୍ରା ଅନୁଷ୍ଠିତ ନେଇ ପ୍ରଧାନ ଆଶାବ୍ୟକ୍ତ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବ୍ଲକ ଆମ୍ବ କମିଟି ଅଧ୍ୟକ୍ଷ ନାରାୟଣ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ମାଧବ ଚନ୍ଦ୍ର ସାହୁ, ଦୀପକ କୁମାର ରାଉତ, ମହେନ୍ଦ୍ର କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୁଶାନ୍ତ କୁମାର ନାୟକ, ପ୍ରମୋଦ କୁମାର ସାହୁ, ଛାତ୍ର ସଭାପତି ବିକ୍ରମ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ସମେତ ସଂଗଠକ ଓ କର୍ମୀମାନେ ବୈଠକରେ ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ ସଂସ୍କୃତ ଦିବସ

ନୟାଗଡ଼,୧୩।୧୦(ଲୋକନାଥ ମିଶ୍ର)

ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ନୟାଗଡ଼ ପକ୍ଷରୁ ଜିଲାସ୍ତରୀୟ ସଂସ୍କୃତ ଦିବସ ଜିଲା ସଦର ମହକୁମାରସ୍ଥିତ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତ ଶିକ୍ଷକ ସଂଘ ସଭାପତି ବିକାଶ ଚନ୍ଦ୍ର ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ, ଭୁବନେଶ୍ୱରର ପୂର୍ବତନ ସାଧାରଣ ସମ୍ପାଦକ ନରସିଂହ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ମହତ ବିଷୟରେ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାର ବରିଷ୍ଠ ସଂସ୍କୃତ ଶିକ୍ଷକ ମନମୋହନ ଚମ୍ପତି, କୋଷାଧ୍ୟକ୍ଷ ଶ୍ରୀହର୍ଷ ମହାପାତ୍ର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ସାହୁ ସଂସ୍କୃତ ଭାଷାର ସୁରକ୍ଷା ଏବଂ ଜିଲା ସଂସ୍କୃତ ଶିକ୍ଷକ ସଂଗଠନକୁ ସୁଦୃଢ଼ କରିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଜିଲା ସଙ୍ଘ ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ବାରିକ ସଭା ପରିଚାଳନା କରିଥିଲେ। ଜିଲାରେ ନୂତନ ଭାବେ ଯୋଗ ଦେଇଥିବା ସଂସ୍କୃତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ଜିଲାର ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ତଥା ଜିଲା ସଂଘ ଉପସଭାପତି ଯୋଗମାୟା ମହାପାତ୍ରଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଜିଲାର ଅନେକ ସଂସ୍କୃତ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମିଳନୀରେ ଯୋଗ ଦେଇଥିଲେ। ଶେଷରେ ଜିଲା ସଂସ୍କୃତ ଶିକ୍ଷକ ସଂଘ ସମ୍ପାଦକ ରାଜେଶ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ସଂସ୍କୃତ ଦିବସରେ ଅତିଥିଙ୍କୁ ସ୍ୱାଗତ କରାଯାଉଛି।

# ଜାଲ୍ ରିସିପ୍ଟ ଦେଇ ୧.୩୦ ଲକ୍ଷ ଠକେଇ

## ୬ ସଭ୍ୟଙ୍କ ଋଣ କ୍ଲୋଜ୍ ନାଁରେ କିସ୍ତି ହଡ଼ପ

ନୟାଗଡ,୧୩।୧୦(ଲୋକନାଥ ମିଶ୍ର)

ନୟାଗଡ ଜିଲା ଓଡଗାଁର ଲାଇଟ ଫାଇନାନ୍ସରେ ୬ଜଣ ସଭ୍ୟଙ୍କର ଋଣ କ୍ଲୋଜ୍ କରିବା ବାହାନାକରି ଜାଲ୍ ରିସିପ୍ଟ ଦେଇ ୧ ଲକ୍ଷ ୩୦ ହଜାର ଟଙ୍କା ଠକେଇ ଅଭିଯୋଗ ହୋଇଛି। ଅଭିଯୋଗ ହେବା ପରେ ବ୍ୟାଙ୍କ କର୍ମଚାରୀ ପ୍ରତାପ ସାମଲଙ୍କ ନାଁରେ ନୟାଗଡ ଟାଉନ ଥାନାରେ ନଂ.୪୦୦/୨୫ରେ ମାମଲା ରୁଜୁ ହୋଇଛି। ନୟାଗଡ ଡିଭିଜନ ହେଡ୍ ପ୍ରହଲ୍ଲାଦ ଦାସଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଠକେଇ ଲୋକଲୋଚନକୁ ଆସିବା ପରେ ପ୍ରତାପ ଉତ୍ତେଜିତ ହୋଇ ନୟାଗଡ ଡିଭିଜନ ହେଡ୍ ପ୍ରହଲ୍ଲାଦଙ୍କ ଘର ସମ୍ମୁଖ ନୟାଗଡ ଟାଉନ ଥାନା ଦୁର୍ଗାପ୍ରସାଦଠରେ ଗଣ୍ଡଗୋଳ କରିଛନ୍ତି। ଅନ୍ୟପକ୍ଷେ ଏସିଡ୍ ଫୋପାଡିବା ଓ ଘରେ ନିଆଁ ଲଗାଇବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ମାରଣାସ୍ତ୍ର ଦେଖାଇ ଘରୁ ଲୁଟ୍

ଦଶପଲ୍ଲା, ୧୩।୧୦
( ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ନଛିପୁର ଗ୍ରାମରୁ ଗତ ରାତିରେ ବଡଧରଣର ଚୋରି ହୋଇଥିବା ଜଣାଯାଇଛି। ଚୋରମାନେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଘରୁ ଟଙ୍କା ସୁନା,ରୁପା ଆଦି ଲୁଟି ନେଇଥିବା ଜଣାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜୋରଦାର କରିଛି। ରବିବାର ରାତିରେ ଚୋରମାନେ ବିଜୟ ଗୋଛାୟତଙ୍କ ଘର ଆଗପଟ କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ଦୋକାନ ଘରୁ ପ୍ରଥମେ ଚୋରି କରିବା ପରେ ଭିତରେ ପଶିଥିଲେ। ଘର ଲୋକମାନଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇଥିଲେ। ପରେ ଘରୁ ପ୍ରାୟ ୮ ଭରି ସୁନା ଏବଂ ୧୨ ହଜାର ଟଙ୍କା ସମେତ ବହୁ ଜିନିଷ ଲୁଟି ନେଇଥିବା ଜଣାଯାଇଛି। ସୋମବାର ସାଇଣ୍ଟିଫିକ୍ ଦଳ ସହ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଇଥିଲା। ତେବେ ଚୋରମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଚାଲୁରହିଥିବା ଜଣାଯାଇଛି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି : ମୋ ସ୍ୱପ୍ନର ଓଡ଼ିଶା- ୨୦୩୬

ଶରଣକୁଳ, ୧୩।୧୦ (ଦୀପକ କର)

ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶରଣକୁଳ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ନାରାୟଣ ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହା ମୋ ସ୍ୱପ୍ନର ଓଡିଶା-୨୦୩୬ ମୁଖ୍ୟ ପ୍ରସଙ୍ଗ ଉପରେ ପର୍ଯ୍ୟବେକ୍ଷିତ ହୋଇଥିଲା। ସିଆରସିସି ରାଜକିଶୋର ନାୟକଙ୍କ ସଭାପତିତ୍ୱରେ ଆୟାଜିତ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ର, ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ପ୍ରଜ୍ଞା ପାରମିତା ସାହୁ, ଓଡଗାଁ ଏନ୍‌ପିଏସ୍ ଶିକ୍ଷକ ସଂଗଠନ ସମ୍ପାଦକ ସୁକାନ୍ତ କୁମାର ସାହୁ ଓ ଗୋଦାବରୀ ବସନ୍ତିଆ ପ୍ରମୁଖ ଯୋଗଦେଇ ଶିଶୁ ଉତ୍ସବର ମହତ୍ ଉଦ୍ଦେଶ୍ୟ ଓ ଶିଶୁମାନଙ୍କର ସୃଜନଶୀଳତାର ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିଶୁମାନଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ଦୁଇଟି ବିଭାଗରେ କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ରଚନା, ହସ୍ତାକ୍ଷର, ମାର୍ଜିତ ଭାଷଣ ଶୈଳୀ (ଇଲୋକେସନ), କୁଇଜ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପ୍ରଧାନ ଶିକ୍ଷକ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ଅଚ୍ୟୁତାନନ୍ଦ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ କୁମାର ନାୟକ, ସ୍ତମ୍ଭକାର ଶାନ୍ତନୁ ବିଶୋଇ ଓ ମଧୁମିତା ମିଶ୍ର ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ଓ ଗୋଦାବରୀ ବସନ୍ତିଆ ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସିସି ରାଜକିଶୋର ନାୟକ ସମସ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।




ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ବ୍ଲକସ୍ତରକୁ ଉନ୍ନୀତ ହେଲେ ୨୮ ଇଭେଣ୍ଟର ପ୍ରଥମ ପ୍ରତିଯୋଗୀ

ନୟାଗଡ,୧୩।୧୦(ଲୋକନାଥ ମିଶ୍ର)

ନୟାଗଡ ଜିଲା ସର୍ଦ୍ଦାର ପଟେଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଗୋଡିପଡା କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୧୫ ସ୍କୁଲର ୧୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବକ୍ତୃତା, ପ୍ରବନ୍ଧ, କୁଇଜ୍, ଦଳଗତ ନୃତ୍ୟ ଓ ସଙ୍ଗୀତ ଚିତ୍ରାଙ୍କନ ପରି ୨୮ ପ୍ରତିଯୋଗିତା ହୋଇଥିଲା। କ୍ଲଷ୍ଟରସ୍ତରରୁ ଓଡଗାଁ ବ୍ଲକସ୍ତରକୁ ୨୮ ପ୍ରତିଯୋଗିତାର ୨୮ରୁ ଉର୍ଦ୍ଧ୍ୱ କନିଷ୍ଠ ଓ ବରିଷ୍ଠ ବିଭାଗ ପ୍ରତିଯୋଗୀ ଉନ୍ନୀତ ହୋଇଛନ୍ତି। ଜାକେଡାସ୍ଥିତ କୋମଣ୍ଡା(କ) ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦଳଗତ ନୃତ୍ୟ ବରିଷ୍ଠ ବିଭାଗର ପ୍ରଥମ ସ୍ଥାନ ପାଇ ବ୍ଲକସ୍ତରକୁ ଯାଇଛି। ସେହିପରି ବରିଷ୍ଠ ବିଭାଗର କୁଇଜରେ ରଘୁ କୁନ୍ତଳା, ହରିପୁର ବିଦ୍ୟାପୀଠର ପ୍ରଜ୍ଞାଂଶୁ ଷଣ୍ଢ ଓ ପ୍ରବନ୍ଧରେ ସୁମତି ସ୍ୱାଇଁ, ଚିତ୍ରାଙ୍କନରେ ସର୍ଦ୍ଦାର ପଟେଲ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଡିପଡାର ଆଦିତ୍ୟ ନାରାୟଣ ସାହୁ, ସଙ୍ଗୀତରେ ରଘୁ କୁନ୍ତଳା ହରିପୁର ବିଦ୍ୟାପୀଠ ଚିନ୍ମୟୀ ଦଳବେହେରା, ତର୍କରେ ଏସ୍‌ଏଲଏ ମହାବିଦ୍ୟାଳୟ ଗୋଡିପଡାର ପ୍ରୟ ଦର୍ଶିନୀ ମହାପାତ୍ର ଓ ପିଏମ୍ ପୋଷଣରେ ସୁଶ୍ରୀ ସଙ୍ଗିତା ପୃଷ୍ଟି ଅନୁରୂପ ଭାବେ ଅଛନ୍ତି । କନିଷ୍ଠ ବିଭାଗର କୁଇଜରେ ପାଟୁଳୀସାହି ସରକାରୀ ଉ.ପ୍ରା. ବିଦ୍ୟାଳୟର ଅର୍ଚ୍ଚିତା ଦାସ, ବକ୍ତୃତାରେ ଜାକେଡାସ୍ଥିତ କୋମଣ୍ଡା(କ) ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରିୟଙ୍କା ବେହେରା, ସର୍ଦ୍ଦାର ପଟେଲ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଡିପଡାର ପିଏମ୍ ପୋଷଣରେ ସୋନାଲି ଡାକୁଆ ପ୍ରଥମ ସ୍ଥାନ ପାଇଛନ୍ତି । ମଞ୍ଚ ପରିଚାଳନା ଗୋଡିପଡା ସିଆରସିସି ବିଜୟ କୁମାର ପୃଷ୍ଟି କରିଥିବାବେଳେ ଆଙ୍ଗିସିଙ୍ଗି ସିଆରସିସି ରାଜେଶ କୁମାର ଷଡଙ୍ଗୀ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଡିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ବସନ୍ତ ମହାନ୍ତି, ସାମାଜିକକର୍ମୀ ସତ୍ୟବାଦୀ ସାହୁ, ପ୍ରସନ୍ନ ଦଳବେହେରା, ରବୀନ୍ଦ୍ର ମହାପାତ୍ର ଓ ବଳଭଦ୍ର ମାଝୀ ପ୍ରମୁଖ ଯୋଗ ଦେଇଥିଲେ।



ସୁରଭିରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ଗୋଡ଼ିପଡ଼ା କ୍ଲଷ୍ଟରସ୍ତରୀୟ ସୁରଭି

# ପାନୀୟ ଜଳ ଅଭାବ: ରାସ୍ତାରୋକୋ କଲେ ମହିଳା

କଳିଙ୍ଗନଗର ୧୩।୧୦
(ଶୁଭାଶିଷ ରାଉତ)

କଳିଙ୍ଗନଗର ଶିଳ୍ପାଞ୍ଚଳରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ଏହାର ପ୍ରତିବାଦରେ ଡୁବୁରୀ-ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥକୁ ମହିଳା ଓ ଅନ୍ୟମାନେ ସୋମବାର ଅବରୋଧ କରିଥିଲେ। ଶିଳ୍ପାଞ୍ଚଳରେ ଥିବା ବଡ଼ କାରଖାନା ଗୁଡ଼ିକ ଜଳକୁ ଗଭୀର ବୋରିଂରୁ ନଳକୂପ ସାହାଯ୍ୟରେ ଜଳ ଶୋଷଣ କରାଯାଉଛି, ଯାହା ପାଇଁ ଶୀତଦିନେ ମଧ୍ୟ ପାଇବା ପାଣିର ଅଭାବ ଦେଖାଦେଉଛି। ସୂଚନା ମୁତାବକ, ଦାନଗଡ଼ି ବ୍ଲକ ତାଳିଆ ପଞ୍ଚାୟତ ଅଧୀନରେ ଥିବା ଗୋଲାଗାଁ ନୂଆସାହିରେ ଦୀର୍ଘଦିନ ହେବ ପିଇବା ପାଣିର ସମସ୍ୟା ଲାଗିରହିଛି। ଲୋକେ ବାରମ୍ବାର ପ୍ରଶାସନକୁ ଜଣାଇ ଆସୁଛନ୍ତି। ହେଲେ କିଛି ଫଳ ମିଳୁନାହିଁ। ଫଳରେ ଅନ୍ୟ କିଛି ଉପାୟ ନ ପାଇ ଶତାଧିକ ମହିଳା ହାତରେ ହାଣ୍ଡି, ଡେକ୍‌ଚି ଓ ବାଲ୍‌ଟି ଧରି ଗୋଲାଗାଁ ଛକ ନିକଟରେ ରାଜରାସ୍ତା ଉପରେ ବସି ରହିଥିଲେ। ସମସ୍ୟାର ସମାଧାନ ନ ହେବାଯାଏ ନିଜ ଜିଦ୍‌ରୁ ହଟି ନ ଥିଲେ। ଖବର ପାଇ କଳିଙ୍ଗନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେମାନେ ମାନି ନ ଥିଲେ।



ଡୁବୁରୀ-ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥକୁ ମହିଳା ଅବରୋଧ କରିଛନ୍ତି।

# ରାସ୍ତାକଡ଼ରେ ବ୍ୟବସାୟ: ଆମ୍ବୁଲାନ୍ସ ଯିବାରେ ସମସ୍ୟା

କାଏମା, ୧୩।୧୦(ଶିବପ୍ରସାଦ ମହାନ୍ତି): ଯାଜପୁର ଜିଲାର ଜାରକା ଓଭରବ୍ରିଜଠାରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ରାସ୍ତାକଡ଼ରେ ବ୍ୟବସାୟୀମାନେ ଜିନିଷପତ୍ର ରଖି ବ୍ୟବସାୟ କରୁଥିବା କାରଣରୁ ଯାତାୟାତରେ ସମସ୍ୟା ହେଉଛି। ଏଥିସହ ରୋଗୀ ନେଇଯାଉଥିବା ଆମ୍ବୁଲାନ୍ସଗୁଡ଼ିକୁ ଅନେକ ସମୟରେ ଅଟକି ରହିବାକୁ ପଡ଼ୁଥିବା। ରାସ୍ତା ଫାଙ୍କା କରାଯିବା ପରେ ଆମ୍ବୁଲାନ୍ସ ଯାଉଥାଏ। ଧର୍ମଶାଳା ବ୍ଲକ୍ ଅଧୀନରେ ଥିବା ଜାରକା ଅଞ୍ଚଳ ଉପରେ ଅଞ୍ଚଳବାସୀ ନିର୍ଭର କରିଥାଆନ୍ତି। ସକାଳ ହେଲେ ସ୍କୁଲ କଲେଜ ଛାତ୍ରଛାତ୍ରୀମାନଙ୍କଠାରୁ ନେଇ ସାଧାରଣ ଲୋକେ ଏଠାକୁ ଆସିଥାନ୍ତି। ସେହିପରି ଜାରକା ଓଭରବ୍ରିଜ ପାର୍ଶ୍ୱରୁ ଧର୍ମଶାଳା ଥାନା, ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯିବା ପାଇଁ ଗୋପବନ୍ଧୁ ଛକ ଦେଇ ଯିବାକୁ ପଡ଼ିଥାଏ। କିନ୍ତୁ ଏହି ରାସ୍ତାର ପାର୍ଶ୍ୱରେ ବସ୍ ରହଣି ନିକଟରେ କେତେକ ବ୍ୟବସାୟୀ ନିଜ ଜିନିଷପତ୍ର ରାସ୍ତା ପାଖରେ ରଖି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଫଳରେ କୌଣସି ଗ୍ରାହକ ସେହି ବ୍ୟବସାୟୀଙ୍କଠାରୁ ଜିନିଷ କିଣିବାକୁ ବାଇକ୍‌ଗୁଡ଼ିକୁ ମଧ୍ୟ ମନ ମୁତାବକ ରାସ୍ତା ଉପରେ ରଖି ଚାଲି ଯାଉଛନ୍ତି। ଏହାଦ୍ୱାରା ଜରୁରିକାଳୀନ ସେବା ପାଇଁ ଯାଉଥିବା ଗାଡ଼ିଗୁଡ଼ିକ ଭିଡ଼ ମଧ୍ୟରେ ଫସି ରହୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ଆମିଷ ବଜାରଗୁଡ଼ିକରେ ମଧ୍ୟ ଏହି ରାସ୍ତା ଉପରେ ଗ୍ରାହକମାନେ ଗାଡ଼ିଗୁଡ଼ିକ ରାସ୍ତା ଉପରେ ପାର୍କିଂ କରିବା ଦ୍ୱାରା ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ତେଣୁ ବ୍ୟବସାୟମାନଙ୍କ ପାଇଁ ଟ୍ରାଫିକ୍ ସମସ୍ୟା ଦେଖାଦେଉଥିବା ଅଭିଯୋଗ ମଧ୍ୟ ହୋଇଛି। ଏହା ଉପରେ ପ୍ରଶାସନ ଦୃଷ୍ଟି ଦେଇ ଏହାର ସମାଧାନ ନିମନ୍ତେ ଦାବି ହୋଇଛି। ଏ ସମ୍ପର୍କରେ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କୁ ପଚାରିବାରେ ବ୍ୟବସାୟୀମାନଙ୍କୁ କୁହାଯିବା ସତ୍ତ୍ୱେ ସେମାନେ ସର୍ତ୍ତକ ହେଉନାହାନ୍ତି। ଯଦି ଆଗକୁ ରାସ୍ତା ଜାମ୍ ହୁଏ ତେବେ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ଜାରକା ଓଭରବ୍ରିଜଠାରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ରାସ୍ତା ଜାମ୍।

# ୩ ଦିନ ପରେ ବି ପୋଲିସ ହାତ ଖାଲି

## ଛାତ୍ରୀଙ୍କୁ କମେଣ୍ଟମାରା, ସଂଘବଦ୍ଧ ଆକ୍ରମଣ ଘଟଣା

ବ୍ରହ୍ମବରଦା, ୧୩।୧୦
(ଯଯାତି କେଶରୀ ବେହେରା):

ବ୍ରହ୍ମବରଦା ଥାନା ଅଧୀନ ଜଣେ କଲେଜ ଛାତ୍ରୀଙ୍କୁ ଅଶ୍ଳୀଳ କମେଣ୍ଟ ମାରିବା ଏବଂ ସଂଘବଦ୍ଧ ଆକ୍ରମଣ ଘଟଣାକୁ ୩ ଦିନ ବିତିଯାଇଛି। ହେଲେ ପୋଲିସ ଅଭିଯୁକ୍ତମାନଙ୍କୁ ଧରି,ପାରିନାହିଁ। ଏହି ଘଟଣାକୁ ନେଇ ସୋମବାର ବ୍ରହ୍ମବରଦା କଲେଜର କେତେଜଣ ଛାତ୍ରଛାତ୍ରୀଙ୍କ ସହ ଛାତ୍ରୀଙ୍କ ମା' ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ପ୍ରାର୍ଥନା କରିଥିଲେ। ଅସାମାଜିକ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାର ସକାଳ ୧୧ଟାରେ ବ୍ରହ୍ମବରଦା କଲେଜର ଜଣେ ଛାତ୍ରୀ ଓ ଜଣେ ଛାତ୍ର ବ୍ରହ୍ମବରଦାରୁ ଟ୍ୟୁଶନ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଝାଲପଡ଼ା ବିଦ୍ୟାଳୟ ଗଡ଼ା ନିକଟରେ ସେହି ଗ୍ରାମର ଜଣେ ଯୁବକ ଉକ୍ତ ଛାତ୍ରୀଙ୍କୁ କମେଣ୍ଟ ମାରିଥିଲେ। ଏହି ଘଟଣାକୁ ନେଇ ସାଙ୍ଗରେ ଥିବା ଛାତ୍ର ଓ କମେଣ୍ଟ ମାରିଥିବା ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଉକ୍ତ ଘଟଣା ଗ୍ରାମବାସୀଙ୍କ ସହାୟତାରେ ସମାଧାନ ମଧ୍ୟ ହୋଇଥିଲା। ହେଲେ ସେତିକିରେ ଘଟଣା ଥମିବାର ନାଁ ନେଇ ନ ଥିଲା। ପରଦିନ ଅର୍ଥାତ୍ ଶୁକ୍ରବାର ଘଟଣାଟି ଉଗ୍ରରୂପ ନେଇଥିଲା। ଶନିବାର ପୁଣି ଛାତ୍ରୀଛାତ୍ରମାନେ ଟ୍ୟୁଶନ ସାରି ଘରକୁ ଫେରୁଥିବା ବେଳେ ଦୁଇପକ୍ଷଙ୍କ ମଧ୍ୟରେ ଗାଳିଗୁଲଜ ସହ ମାରଧର ଘଟଣା ଘଟିଥିଲା। ଛାତ୍ରୀଙ୍କ ମା' ୮ଜଣ ଅଭିଯୁକ୍ତଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୨୫୦/୨୫ରେ ମାମଲା ରୁଜୁକରି ଚୁପ୍ ବସିଥିଲା। ଘଟଣାକୁ ୪ ଦିନ ବିତିଯାଇଥିଲେ ସୁଦ୍ଧା ଏଯାଏ କାହାରିକୁ ଧରିବାରେ ସକ୍ଷମ ହୋଇନାହିଁ। ଫଳରେ ସୋମବାର ଛାତ୍ରୀଙ୍କ ମା' କଲେଜର ୪ରୁ ୫ଜଣ ଛାତ୍ରୀଛାତ୍ରଙ୍କୁ ଧରି ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଅପରପକ୍ଷରେ ଲିଖିତ ଅଭିଯୋଗକୁ ଆଧାର କରି ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ରୁଢ଼ିଆ ଜଳସମ୍ପଦ କାର୍ଯ୍ୟାଳୟରୁ ଚୋରି

ପାଣିକୋଇଲି, ୧୩।୧୦(ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ରୁଢ଼ିଆ ଜଳସମ୍ପଦ କାର୍ଯ୍ୟାଳୟରୁ ଚୋରି ହୋଇଥିବା ସୋମବାର ଅଭିଯୋଗ ହୋଇଛି। ରୁଢ଼ିଆ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ବିପନ କୁମାର ସେଠୀଙ୍କ ଅଭିଯୋଗ ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରୁଢ଼ିଆ ଆନିକଟ ନିକଟରେ ଜଳସମ୍ପଦ ବିଭାଗର କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟ ରବିବାର ରାତ୍ରିରେ ଛୁଟିଥିବାବେଳେ ଦୁର୍ବୃତ୍ତମାନେ ଝରକା ଗ୍ରିଲ ତାଡି ଚୋରି କରିଛନ୍ତି। ଷ୍ଟିଲ୍ ବାଲ୍‌ଟି, ଲୁହା ପାଇପ୍, ପାଣି ପାଇପ୍ ଚୋରି ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଦର୍ଶାଯାଇଛି।

# ଭୋଟ ଚୋରି ବିରୋଧରେ କଂଗ୍ରେସର ଦସ୍ତଖତ ଅଭିଯାନ

ବଡ଼ଚଣା, ୧୩।୧୦
(ଦିଲୀପ କୁମାର ମହାନ୍ତି)

ଭାରତୀୟ ଜାତୀୟ କଂଗ୍ରେସ ଆହ୍ୱାନରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଓଡ଼ିଶାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏହି ଅଭିଯାନ ଓଡ଼ିଶାରେ ଅକ୍ଟୋବର ୧୦ରୁ ଆରମ୍ଭ ହୋଇଛି। ଏହି ଅବସରରେ ସୋମବାର ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଚଣ୍ଡିଖୋଲସ୍ଥିତ ଏକ ହୋଟେଲଠାରେ ଆୟୋଜିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ମାଗୁଣି ବଟକୃଷ୍ଣ ଜେନା ଭୋଟ ଚୋରିର ପ୍ରମାଣ ଦେଇଥିଲେ। ଆଗାମୀଦିନରେ ସମସ୍ତ ନିର୍ବାଚନମଣ୍ଡଳୀରେ ହୋଇଥିବା ଭୋଟ ଚୋରିର ପରଦା ଫାସ୍ କରିବେ ବୋଲି କହିବା ସହ ନରେନ୍ଦ୍ର ମୋଦି, ନିର୍ବାଚନ କମିଶନ ଓ ଏନ୍‌ଡିଏ ମେଣ୍ଟ ମିଳିତ ଭାବେ ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି ବୋଲି କହିଥିଲେ। ଭୋଟ ଚୋରି ଅଭିଯାନର ବଡ଼ଚଣା ସଂଯୋଜକ ଚିନ୍ମୟ ପ୍ରଧାନ ଦଳମତ ନିର୍ବିଶେଷରେ ସମସ୍ତେ ଏହି ଦସ୍ତଖତ ଅଭିଯାନରେ ସାମିଲ ହେବାକୁ କହିଛନ୍ତି। ନୂଆପଡ଼ା ଉପନିର୍ବାଚନରେ ଭାଜପା ଜାତି ଧର୍ମବର୍ଣ୍ଣ ସମ୍ପ୍ରଦାୟ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ଭୋଟ ଜିତିବାକୁ ଚେଷ୍ଟା କରୁଛି। ବଡଚଣା ମାଟିରେ ପୁଅ କହି ଓ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଜନପ୍ରତିନିଧି ଅଞ୍ଚଳରେ ମାଟି, ବାଲି, ମାଙ୍କଡ଼ା ପଥର ବିକ୍ରି କରି ଅଞ୍ଚଳବାସୀଙ୍କୁ ଠକୁଥିବା ଅଭିଯୋଗ କରିବା ସହ ୩୦ ହଜାର ଲୋକ ଦସ୍ତଖତ ଅଭିଯାନରେ ସାମିଲ ହେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଯୋଜକ ଦୁର୍ଯ୍ୟୋଧନ ବେହେରା, ବଡ଼ଚଣା ବ୍ଲକ ପର୍ଯ୍ୟବେକ୍ଷକ ସମୀର ନାୟକ ପ୍ରମୁଖ ଯୋଗଦେଇଥିଲେ।


## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍‌ଆଇଟି/୧୪/୨୫/୪୪, ତାରିଖ: ୦୭।୧୦।୨୦୨୫

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ ହେବା/ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୨୨୫୧୭୫୫ବି | ଡବ୍ଲ୍ୟୁଏଜି୯ ଏବଂ ଡବ୍ଲ୍ୟୁଏପି୭ ଲୋକୋମୋଟିଭ୍ ପାଇଁ ଟିଏମ୍ ଟାଇପ୍ ୬ଏଫ୍‌ଆର୍‌ଏ ୬୦୬୮ ନିମନ୍ତେ ୩-ଫେଜ୍ ଲୋକୋମୋଟିଭ୍ ଟ୍ରାକ୍ସନ୍ ମୋଟର ବେରିଂ | ୨୭।୧୦।୨୦୨୫ ୧୦.୩୦ ଘଟିକାରେ | ୪୦୦ ସେଟ୍ |
| ୨ | ୦୩୨୫୧୪୭୭ | ଏକ୍ସିଲ୍ ଏଣ୍ଡ ଷ୍ଟିଲ୍ ହାଇ ଟେନ୍‌ସାଇଲ୍ କ୍ୟାପ୍ ସ୍କ୍ରୁ [୧ ଇଞ୍ଚ ଡାୟା ୮ ୟୁଏନ୍‌ସି-୨ଏ, ୨.୨୫ ଇଞ୍ଚ ଥ୍ରେଡ୍ ଦୈର୍ଘ୍ୟ] | ୩୧।୧୦।୨୦୨୫ ୧୦.୩୦ ଘଟିକାରେ | ୧୫୧୪୩୫ ଗୋଟି |
| ୩ | ୦୬୨୫୫୦୭୪ଏ | ଇଓଟି କ୍ରେନ୍ ୧୫/୫ଟିର ଯୋଗାଣ, ଡିଜାଇନ, ବିନିର୍ମାଣ, ଉତ୍ପାଦନ, ସ୍ଥାପନା, ପରୀକ୍ଷଣ, କମିଶନିଂ ଏବଂ ପ୍ରମାଣୀକରଣ | ୧୦।୧୧।୨୦୨୫ ୧୦.୩୦ ଘଟିକା | ୫ ଗୋଟି / ୪୮୦ ମିଟର |
| ୪ | ୦୪୨୫୨୫୨୫ | ବ୍ୟାଟେରି ବକ୍ସ ଅଣ ଏସି କୋଚ୍ ନିମନ୍ତେ ବିନା | ୦୪।୧୧।୨୦୨୫ ୧୦.୩୦ ଘଟିକା | ୩୭୮ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖୁଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ www.ireps.gov.in ଲିଙ୍କରେ ଦେଖାଯାଇପାରିବ। ଏଏମ୍‌ଏମ୍/II

CPR/10/370 ଦ.ପୂ.ମ. ରେଳପଥ, ବିଳାସପୁର

## SEBI ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ

भारतीय प्रतिभूति और विनिमय बोर्ड
Securities and Exchange Board of India

ସେବୀ ଭବନ II, ପ୍ଲଟ୍ ସଂ. ସି-୭, "ଜି" ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ) ମୁମ୍ବାଇ (ମହାରାଷ୍ଟ୍ର) - ୪୦୦ ୦୫୧, ଦୂରଭାଷ: ୨୬୪୪୯୦୦୦ / ୪୦୪୫୯୦୦୦

**ଟେଣ୍ଡର ନଂ.: ଏସ୍‌ଇବିଆଇ/ଏଚ୍‌ଓ/ଆଇଟିଡି/ସିଏସ୍‌ସି/୨୦୨୫/୧୦/୦୧**

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବୀ) **"ସେବୀଠାରେ ପରବର୍ତ୍ତୀ ପିଢ଼ିର ସୁରକ୍ଷା ପରିଚାଳନା କେନ୍ଦ୍ର, ନେଟ୍‌ୱର୍କ ପରିଚାଳନା କେନ୍ଦ୍ର (ଏନ୍‌ଜିଏସ୍‌ଓସି - ଏନ୍‌ଓସି) ତଥା ଅନ୍ୟାନ୍ୟ ସୁରକ୍ଷା ସମାଧାନ"** ପ୍ରକଳ୍ପ ପାଇଁ ଖୋଲା ଟେଣ୍ଡର ମାଧ୍ୟମରେ ପ୍ରସ୍ତାବର ଅନୁରୋଧ (ଆର୍‌ଏଫ୍‌ପି) ଆହ୍ୱାନ କରୁଛି। ସମସ୍ତ ଆବଶ୍ୟକୀୟ ମାର୍ଗଦର୍ଶିକା ଏବଂ ସମୟସୀମା ପାଇଁ ସେବୀର ଆନୁଷ୍ଠାନିକ ୱେବ୍‌ସାଇଟ୍ (**www.sebi.gov.in**)ରେ "**ଟେଣ୍ଡର୍ସ**" ସେକ୍ସନ୍ ଅଧୀନରେ ଆର୍‌ଏଫ୍‌ପି ନଂ.: ଏସ୍‌ଇବିଆଇ/ଏଚ୍‌ଓ/ଆଇଟିଡି/ସିଏସ୍‌ସି/୨୦୨୫/୧୦/୦୧ ଦେଖନ୍ତୁ। ଦୟାକରି **https://www.mstcecommerce.com/eprocn** ଲିଙ୍କରେ ନିଜର ପ୍ରସ୍ତାବ ଦାଖଲ କରନ୍ତୁ।

CBC 15204/11/0174/2526

## ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ନିମନ୍ତେ ଇସ୍ତାହାର

**(ସେକ୍ସନ୍ ୮୨(୨) (ii) ସିଆର୍.ପି.ସି. ଦେଖନ୍ତୁ)**

ଯେହେତୁ, ମୋ ଇଜିଲାସରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ ବ୍ୟକ୍ତି(ଗଣ) **ନାୟକ (ସନ୍ତୋଷ ନାୟକ), ସ୍ୱତ୍ୱାଧିକାରୀ: କ୍ରିଷ୍ଣା ବୁକ୍‌ସ, ଏଫ୍.ଏମ୍. ଫୋଲାଇ, ଆଇସିଆଇସିଆଇ ବ୍ୟାଙ୍କ ପାଖ, ବାଲେଶ୍ୱର, ବାଲେଶ୍ୱର, ଓଡ଼ିଶା** ଏଫ୍‌ଆଇଆର୍ ନଂ./ସିସି ନଂ. **୫୩୮୧୮୨/୧୬, ୟୁ/ଏସ୍ ୧୩୮ ଏନ୍‌ଆଇ ଅଧିନିୟମ, ଥାନା: ପାହାଡ଼ଗଞ୍ଜ, ନୂଆଦିଲ୍ଲୀ** ଅନୁଯାୟୀ ଅପରାଧ ଘଟାଇଛନ୍ତି (କିମ୍ବା ଘଟଣାର ସନ୍ଦିଗ୍ଧ ଅଟନ୍ତି) ଏବଂ ସେ ବାବଦରେ ତାଙ୍କର ଗିରଫ ପାଇଁ ଜାରି କରାଯାଇଥିବା ଗିରଫ ପରୱାନାକୁ ଏହା ଲେଖି ଫେରାଇଦିଆଯାଇଛି ଯେ ଉକ୍ତ ଅଭିଯୁକ୍ତ ବ୍ୟକ୍ତି(ଗଣ) **ନାୟକ (ସନ୍ତୋଷ ନାୟକ)**ଙ୍କର ପତ୍ତା ମିଳୁନାହିଁ ଏବଂ ଯେହେତୁ ଏହା ମୋ ସନ୍ତୁଷ୍ଟିମତେ ଦର୍ଶାଯାଇଛି ଯେ ଉକ୍ତ ଅଭିଯୁକ୍ତ ବ୍ୟକ୍ତି(ଗଣ) **ନାୟକ (ସନ୍ତୋଷ ନାୟକ)** ଫେରାର୍ ହୋଇଯାଇଛନ୍ତି (ଅଥବା ଉକ୍ତ ପରୱାନାକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି)। ଏତଦ୍ୱାରା ଇସ୍ତାହାର ଦିଆଯାଉଅଛି କି, ଏଫ୍‌ଆଇଆର୍ ନଂ./ସିସି ନଂ. **୫୩୮୧୮୨/୧୬, ୟୁ/ଏସ୍ ୧୩୮ ଏନ୍‌ଆଇ ଅଧିନିୟମ, ଥାନା: ପାହାଡ଼ଗଞ୍ଜ, ନୂଆଦିଲ୍ଲୀ** ଅଧୀନସ୍ଥ ଅଭିଯୁକ୍ତ ବ୍ୟକ୍ତି(ଗଣ) **ନାୟକ (ସନ୍ତୋଷ ନାୟକ)**ଙ୍କୁ **ତା୧୪।୧୧।୨୦୨୫ରିଖ ୧୦.୦୦ ଘଟିକା** କିମ୍ବା ତାହା ପୂର୍ବ ସୁଦ୍ଧା ଏହି ନ୍ୟାୟାଳୟରେ ହାଜର ହୋଇ ଉକ୍ତ ଅଭିଯୋଗର ଉତ୍ତର ଦେବା ଆବଶ୍ୟକ ହେବ।

ଆଦେଶକ୍ରମେ
**ଶ୍ରୀ ଅରବିନ୍ଦ ତୋମାର**
ଏଲ୍‌ଡି. ନ୍ୟାୟିକ ମାଜିଷ୍ଟ୍ରେଟ୍ ଏଫ୍‌ସି (ଏନ୍‌ଆଇ ଅଧିନିୟମ)-୦୭
ରୁମ୍ ନଂ. ୫୦୭, ଏକ୍ସଟେନ୍ସନ୍ ବ୍ଲକ୍,
ତିସ୍ ହଜାରୀ କୋର୍ଟସ୍, ଦିଲ୍ଲୀ

DP/13789/CD/2025
(Court Matter)

## BERHAMPUR UNIVERSITY

BHANJA BIHAR, BERHAMPUR-760007 (ODISHA)

No.6665/Adm-I (TE) Date : 13.10.2025

**WALK-IN-INTERVIEW**

A Walk-in-Interview for engagement of **25 (twenty-five)** teaching faculty on contractual basis in the **School of Education, Berhampur University** for Integrated Teacher Education Programme (ITEP) to be engaged from the academic session 2026-27 under Self-Financing mode. In addition, **04 (four)** teaching faculty will also be engaged in the School of Education for the B.Ed./M.A. Education course with immediate effect.

The Walk-in-Interviews will be held in the **New Syndicate Hall, Berhampur University** on **03.11.2025 and 04.11.2025.** The tenure of the post is initially for one year and may be extended on year-to-year basis with one day break subject to satisfactory performance. In no circumstances the appointed contractual teachers shall claim for regular teaching posts and for this they have to give an undertaking on Non-Judicial Stamp Paper. For all purposes, they shall abide by Self-Financing Course Guidelines of the University.

The University reserves the right to cancel the Walk-in-Interview without assigning any reason thereof. For further details on number of posts, eligibility criteria etc., please visit University website : **www.buodisha.edu.in**.

By order of the Vice-Chancellor
Sd./- REGISTRAR

## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏସ୍‌ଟି-ଓଟି-ଏସ୍‌ପିଏଲ୍-ଏସ୍‌ଆଇଜି-ସିଜିଏ-ବିଓପି, ତାରିଖ: ୧୦।୧୦।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ଡିଏସ୍‌ଟିଇ (ସିଓ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୧୨.୦୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଚେଙ୍ଗେଲ (ଏକ୍ସ.) – ଭୋଗପୁର (ଏକ୍ସ.) ସେକ୍ସନରେ ଦୁଇବର୍ଷ ଅବଧି ପାଇଁ ସିଗ୍ନାଲିଂ କାର୍ଯ୍ୟ, ବିଦ୍ୟମାନ ସିଷ୍ଟମ୍‌ରେ ଯୋଗ ଓ ପରିବର୍ତ୍ତନ, ସାଧାରଣ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ। **ଟେଣ୍ଡର ମୂଲ୍ୟ:** ₹୧,୪୬,୬୩,୫୨୬.୪୬। **ଇଏମ୍‌ଡି:** ₹୨,୨୩,୩୦୦। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ। **ଖୋଲାଯିବା ତାରିଖ:** ୦୬।୧୧।୨୦୨୫। **ସମାପ୍ତି ଅବଧି:** ୨୪ ମାସ। **ଦାଖଲର ତାରିଖ:** ତା୦୬।୧୧।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। (PR-712)

## Bank of Baroda

बैंक ऑफ़ बड़ौदा
Bank of Baroda

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ
ଏଫଆଇ ବିଭାଗ, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଚୁକ୍ତି ଭିତ୍ତିରେ ବ୍ୟବସାୟିକ ପ୍ରତିନିଧି ସୁପରଭାଇଜର ନିଯୁକ୍ତି**

ଭାରତର ଅନ୍ୟତମ ବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଓଡ଼ିଶାର **ଖୋର୍ଦ୍ଧା, ନୟାଗଡ଼ ଏବଂ ଗଞ୍ଜାମ** ଆଦି ଜିଲ୍ଲା ପାଇଁ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କ ଠାରୁ ଅଫ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛି।

- ମୁଖ୍ୟ ପ୍ରବନ୍ଧକ ପାହ୍ୟା ପର୍ଯ୍ୟନ୍ତ ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୂର୍ବତନ କର୍ମଚାରୀ
- JAIIB ସମାପ୍ତ କରିଥିବା ବ୍ୟାଙ୍କ ଅଫ୍ ବରୋଦାର ଅବସରପ୍ରାପ୍ତ କିରାଣୀମାନେ
- କମ୍ପ୍ୟୁଟର ଜ୍ଞାନ (MS Office, Email, Internet ଇତ୍ୟାଦି ଜ୍ଞାନ ଥିବା) ଯେକୌଣସି ଗ୍ରାଜୁଏଟ୍, କିନ୍ତୁ M.Sc. (IT)/ BE (IT)/ MCA/ MBA ଆଦି ଯୋଗ୍ୟତାଧାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ।

ପୂର୍ବତନ ବ୍ୟାଙ୍କ କର୍ମଚାରୀମାନଙ୍କ ବୟସ ନିଯୁକ୍ତି ସମୟରେ **୬୫ ବର୍ଷରୁ** ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ। ଅନ୍ୟ ଆବେଦନକାରୀମାନଙ୍କ ପାଇଁ ବୟସ ସୀମା **୨୧-୪୫ ବର୍ଷ** ମଧ୍ୟରେ ହୋଇଥିବା ଆବଶ୍ୟକ। ଆବେଦନ କରୁଥିବା ସମସ୍ତ ପ୍ରାର୍ଥୀ ଓଡ଼ିଶା ନିବାସୀ ଏବଂ ସଂପୃକ୍ତ ଜିଲ୍ଲାର ହୋଇଥିବା ଆବଶ୍ୟକ ଏବଂ ସ୍ଥାନୀୟ ଭାଷାରେ ପାରଦର୍ଶିତା ଥିବା ଆବଶ୍ୟକ।

ଅଧିକ ବିବରଣୀ ପାଇଁ ଆମ୍ଭ ବ୍ୟାଙ୍କର ୱେବ୍‌ସାଇଟ୍ ଦେଖନ୍ତୁ।
**https://www.bankofbaroda.in/career/current-opportunities**
ଅଫ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ: **୨୪.୧୦.୨୦୨୫**

ତାରିଖ: ୧୩.୧୦.୨୦୨୫ — କ୍ଷେତ୍ରୀୟ ମୁଖ୍ୟ
ସ୍ଥାନ: ଭୁବନେଶ୍ୱର — ଭୁବନେଶ୍ୱର କ୍ଷେତ୍ର

## ODISHA ELECTRICITY REGULATORY COMMISSION

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ
ODISHA ELECTRICITY REGULATORY COMMISSION
BIDYUT NIYAMAK BHAWAN
PLOT NO.4, OERC ROAD, SHAILASHREE VIHAR,
BHUBANESWAR -751021, TEL. No. 2721048, 2721049
E-mail: oerc@odisha.gov.in, Website: www.orierc.org
Together, Let us light up our lives

**NOTICE INVITING BIDS**

**No. 13026/1/2025-tariff div-OERC-1262 Dt.: 13.10.2025**

With reference to our notice published in newspaper/ website of **OERC on 16.08.2025**, it is informed to all concerned that Odisha Electricity Regulatory Commission (OERC) has invited bids for assisting the Commission in reviewing the performance of four DISCOMS of Odisha as per the Vesting Order of the Commission whose last date of submission was **13.10.2025**. Now, the Commission revises the original Request for Proposal (RFP) which is available in the OERC official website.

Accordingly, the last date of submission of bid as per revised RPF is extended up to **17th November 2025, 5.00PM**.

By order of the Commission
Sd/-
SECRETARY

## OFFICE OF THE EXECUTIVE ENGINEER
## RURAL WORKS DIVISION, BARGARH

Email : rd_bgh@yahoo.co.in, Gmail : rwd.bgh@gmail.com

No.O-852 **e-Procurement Notice No. ONLINE-BGH-10 OF 2025-26**

| | | | |
|---|---|---|---|
| 1 | Name of the Work | : | **Building work during 2025-26 in the district of Bargarh** |
| 2 | EMD | : | **@1% of the estimated cost put to tender** |
| 3 | Other details | : | **As per DTCN** |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bargarh | ONLINE-BGH-10 OF 2025-26 | 15.10.2025 at 11.00 A.M. | 28.10.2025 upto 5.00 P.M. | 28.10.2025 upto 4.00 P.M. | 29.10.2025 at 11.00 A.M. |

Further details can be seen from the website www.tendersorissa.gov.in.

Sd./- Executive Engineer
R.W. Division, Bargarh

OIPR-25062/11/0036/2526

## 'e' PROCUREMENT NOTICE NO.08/2025-26

No.O-931

1. Name of work : Road Works
2. Total No. of Work : 63 (Sixty three) works.
3. Estimated Cost : Rs.5.05 to 42.02 lakhs.
4. Period of Completion : 01 (One) Calendar Month.
5. Class of contractors : 'B', 'C' & 'D' Class only.

**Other details as follows :**

a) Procurement officer : Superintending Engineer, Rural Works Division, Cuttack.
b) Availability of tender online for bidding : From dt.18.10.2025 at 11.00 A.M. to dt.01.11.2025 up to 5.00 P.M.
c) Last date & time of seeking of tender clarification : Dt.31.10.2025 up to 5.00 P.M.
d) Date & Time of Opening Technical Bid : Dt.03.11.2025 at 11.00 A.M.

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division
Cuttack

OIPR-25053/11/0044/2526

## କାନାରା ବ୍ୟାଙ୍କ Canara Bank

A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ,
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭,
ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବନ୍ଧକ ସୁନା ଅଳଙ୍କାରଗୁଡିକର ଇ-ନିଲାମ ବିଜ୍ଞପ୍ତି**

କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖାର ଶାଖା ମୁଖ୍ୟମାନଙ୍କ ଦ୍ୱାରା ସୁନା ଋଣ ବାବଦ ବ୍ୟାଙ୍କର ବକେୟା ଦେୟ ପରିଶୋଧ କରିବା ପାଇଁ ସୁନା ଋଣଗ୍ରହୀତାମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ସୁନା ଅଳଙ୍କାରଗୁଡ଼ିକୁ **"ଯାହା ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା"** ଭିତ୍ତିରେ ଅନ୍‌ଲାଇନ୍ ନିଲାମ କରାଯିବ। ଅନ୍‌ଲାଇନ୍ ନିଲାମ **https://www.bankeauctions.com** ମାଧ୍ୟମରେ ଅନୁଷ୍ଠିତ ହେବ।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୯.୧୦.୨୦୨୫ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା
ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୮.୧୦.୨୦୨୫ ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ
ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୨୮.୧୦.୨୦୨୫ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ | ମୋଟ ଓଜନ ଏବଂ ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| **ନୟାବଜାର ଶାଖା (୪୯୧୯), ମୋ.: ୭୬୦୫୦୦୯୦୭୮, IFSC CODE-CNRB0004919** | | | | |
| ୧. | ଅମ୍ରିତ କୁମାର ଘଡେଇ, ପିତା: ଅନନ୍ତ ଚରଣ ଘଡେଇ, ଏଚ୍. ନଂ.: ୫୮, ଜୟପୁର, ବାରଙ୍ଗ, ବେଲଗଛିଆ, କଟକ, ଓଡ଼ିଶା, ପିନ୍-୭୫୪୦୦୫ / ୧୮୦୩୮୯୮୩୮୪୨୩ | ଟ.୧୩,୫୦,୪୦୭/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୫,୬୬,୮୬୦/- | ୫୨.୮ ଏବଂ ୫୦ |
| ୨. | ଅମ୍ରିତ କୁମାର ଘଡେଇ, ପିତା: ଅନନ୍ତ ଚରଣ ଘଡେଇ, ଏଚ୍. ନଂ.: ୫୮, ଜୟପୁର, ବାରଙ୍ଗ, ବେଲଗଛିଆ, କଟକ, ଓଡ଼ିଶା, ପିନ୍-୭୫୪୦୦୫ / ୧୮୦୩୮୯୮୪୦୦୬୭ | | ଟ.୧,୪୧,୭୧୫/- | ୧୩.୩ ଏବଂ ୧୨.୫ |
| ୩. | ଅମ୍ରିତ କୁମାର ଘଡେଇ, ପିତା: ଅନନ୍ତ ଚରଣ ଘଡେଇ, ଏଚ୍. ନଂ.: ୫୮, ଜୟପୁର, ବାରଙ୍ଗ, ବେଲଗଛିଆ, କଟକ, ଓଡ଼ିଶା, ପିନ୍-୭୫୪୦୦୫ / ୧୮୦୩୮୯୮୪୮୮୫୦ | | ଟ.୮,୪୬,୮୭୩/- | ୮୮.୯ ଏବଂ ୭୪.୭ |
| **ପରାହାଟ ଶାଖା (୧୮୦୩୧), ମୋ.: ୯୪୩୭୫୭୯୫୪୮, IFSC CODE-CNRB0018031** | | | | |
| ୧. | ସିମାନ୍ତିନୀ ଦାସ, ସ୍ୱାମୀ: ଅଭୟ ନାୟକ, ସା: ଗୋପାଳପୁର, ପୋ: ଇଛାପୁର, ଥାନା: ବାଲିକୁଦା, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୮/ ୧୮୦୪୦୬୦୯୧୪୪୩ | ଟ.୫,୩୧,୬୮୨.୪୪ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୨,୬୭,୫୫୩/- | ୩୧.୧ ଏବଂ ୨୩.୬ |
| **ଦାଣ୍ଡିସାହି ଶାଖା (୧୮୦୩୩), ମୋ.: ୯୪୩୭୫୭୯୫୭୨, IFSC CODE-CNRB0018033** | | | | |
| ୧. | ମର୍ଦ୍ଦରାଜ ବିଶ୍ୱାଳ, ପିତା: ଶତ୍ରୁଘ୍ନ, ସା: ତରଡିପାଳ, ପୋ: ତରଡିପାଳ, କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୪୦ / ୧୮୦୦୯୬୦୫୨୩୫୭ | ଟ.୮୬,୪୨୬.୬୪ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୯୨,୭୨୯/- | ୧୯ ଏବଂ ୧୭ |
| ୨. | ପ୍ରିୟଙ୍କା ମଳିକ, ପିତା: ଅକ୍ଷୟ କୁମାର ମଳିକ, ସା: ନହିଆଡିଆ, ପୋ: ଦାଣ୍ଡିସାହି, କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୪୦ / ୧୮୦୧୦୪୩୪୯୬୧୦ | ଟ.୬୩,୯୩୨.୪୮ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୦୨,୦୩୩/- | ୧୦.୩୩ ଏବଂ ୯ |
| **ସିଡ଼ିଏ ଶାଖା (୧୮୦୯୪), ମୋ.: ୯୪୩୭୪୯୬୦୭୧, IFSC CODE-CNRB0018094** | | | | |
| ୧. | ହିମାଂଶୁ ଭୂଷଣ ପତି, ପିତା: ଦେବରାଜ ପତି, ସା: ପ୍ଲଟ୍ ନଂ.: ସି-୫୯, ସେକ୍ଟର-୯, ସିଡ଼ିଏ ଅଭିନବ ବିଡାନାସି, କଟକ ସଦର, କଟକ, ଓଡ଼ିଶା, ପିନ୍-୭୫୩୦୧୪ / ୧୮୦୧୦୪୮୩୦୮୧୧ | ଟ.୪୯,୮୭୫.୭୨ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୭୧,୧୯୬/- | ୭.୮୬ ଏବଂ ୬.୨୮ |

ଅମାନତ ଜମା ବିବରଣୀ: ଆକାଉଣ୍ଟ ନଂ.: ୨୦୯୨୭୨୪୩୪, ଆକାଉଣ୍ଟର ନାମ: CANARA BANK, IFSC Code: ସମ୍ପୃକ୍ତ ଶାଖାର IFSC Code, ଅମାନତ ଜମା ରାଶି: ଟ.୨୫,୦୦୦/-

ଯାଞ୍ଚ ଓ ଅନ୍ୟ କୌଣସି ଅନୁସନ୍ଧାନ ପାଇଁ ଦୟାକରି ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ଯୋଗାଯୋଗ କରନ୍ତୁ। ନିଲାମଧାରୀମାନେ ଅମାନତ ଜମା ଦାଖଲ ତାରିଖ ସୁଦ୍ଧା କେୱାଇସି କାଗଜାତ୍ ଏବଂ ପ୍ରତି ଶାଖା ପିଛା ଅମାନତ ରାଶି ଜମା କରିବେ। ଅଧିକ ସୂଚନା ପାଇଁ ଦୟାକରି M/S C1 INDIA PVT. LTD., ମୋ: 7291981126ରେ ଯୋଗାଯୋଗ କରନ୍ତୁ। ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଦୟାକରି https://www.bankeauctions.com ଦେଖନ୍ତୁ।

ସ୍ଥାନ : କଟକ, ତାରିଖ : ୧୩.୧୦.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ODISHA POWER GENERATION CORPORATION LIMITED

CIN: U40104OR1984SGC001429
Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha, India
Phone: +91-674-2303765-66, Fax: +91-674-2303755-56, Website: www.opgc.co.in
OPGC Power for Progress

**POWER YOUR CAREER WITH OPGC**

**Engagement of Specialist Doctors on Contractual Basis**

**Odisha Power Generation Corporation Ltd. (OPGC)**, a Government of Odisha Company, operates state of the art thermal power plants at Ib Thermal Power Station, Banharpalli, Jharsuguda. It has a total generation capacity of 1740 MW. We are looking for Medical professionals in the following Specialization to be engaged on contractual basis in our Hospital at ITPS Township, Banharpalli, Jharsuguda:

| Specialty | No. of Vacancies | Qualification | Experience | Payment |
|---|---|---|---|---|
| GDMO | 2 | MBBS which is recognised by National Medical Commission (formerly Medical Council of India) | Minimum 1 year Working experience after completion of Internship | Rs. 1,00,000/- (Rupees One Lakh) only Per Month |
| Physician | 2 | MD in General Medicine which is recognised by National Medical Commission (formerly Medical Council of India) | Minimum 2 years Working experience after completion of Internship | Rs. 1,50,000/- (Rupees One Lakh Fifty Thousand) only Per Month |

